ଚୈତ୍ର ବେହାଗ

ଡାକ୍ତର ଯୋଗମାୟା ପଟ୍ଟନାୟକ

Digitized by PPRACHIN, SOA

ଚୈତ୍ର ବେହାଗ

Digitized by PPRACHIN, SOA

ଚୈତ୍ର ବେହାଗ

ଡାକ୍ତର ଯୋଗମାୟା ପଟ୍ଟନାୟକ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବାଲୁବଜାର, କଟକ

Digitized by PPRACHIN, SOA

ଚୈତ୍ର ବେହାଗ (କବିତା ସଙ୍କଳନ) ।। କବି : ଡା. ଯୋଗମାୟା ପଟନାୟକ ।। ପ୍ରକାଶକ : ସହଦେବ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨ ।। ପ୍ରଥମ ପ୍ରକାଶ : ଜାନୁଆରୀ ୨୬, ୧୯୮୯ ।। ପ୍ରଚ୍ଛଦ : ଅସିତ୍ ମୁଖାର୍ଜୀ ।। ମୁଦ୍ରଣ . ସତ୍ୟବ୍ରତ ପ୍ରେସ, ପିଠାପୁର, କଟକ—୭୫୩୦୦୧ ।।

CHAITRA BEHAG by Dr. Jogamaya Patnaik, Published by Sahadev Pradhan, Friends' Publishers, Binodbehari Cuttack-753002, First Edition : January 26, 1989 Cover Design by Asit Mukherjee, Printed at Satyabrata Press, Pithapur, Cuttack-753001.

Price : **Rs. 20**

Digitized by PPRACHIN, SOA

ବୋଉର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ,
ଯାହାର ପ୍ରେରଣାରେ ମୁଁ ଦି' ଧାଡି ଲେଖିବା ପାଇଁ
ବଳ ପାଇଛି ।

—ଯୋଗମାୟା

Digitized by PPRACHIN, SOA

ସୂଚୀ

ଚୈତ୍ର ବେହାଗ—୧/ସୁନ୍ଦର ଟିକି ଘର—୪/ପ୍ରଶ୍ନବାଚୀ—୫/ହେ ବିପ୍ଳବୀ କବି—୭/ସମୟ—୯/ଆହତ ସ୍ୱାକ୍ଷର—୧୧/ଚମ୍ପାନାନୀର କନିଆ ଦେଖା—୧୩/କାହିଁ ତାର ନୀଡ଼ ?—୧୬ / କାଳୀୟଦଳନକାରୀ—୧୮/ଈଶ୍ୱର—୨୦ / ସୁଲମାଉସୀର ଗୋପନ କଥା—୨୨/ବସନ୍ତ, ସ୍ୱପ୍ନ ଓ ବାସ୍ତବ—୨୫/ସ୍ରଷ୍ଟା ମୁଁ ଯେ ଅନେକ ସୃଷ୍ଟିର—୨୭/ପଦେ ମାତ୍ର—୨୯/ବିଷୁବର ଆବାହନ—୩୦/ଝରଫୁଲ—୩୨/ହାତସବୁ ବିଭିନ୍ନ ରଙ୍ଗର—୩୪/କୁମାର ପୂର୍ଣ୍ଣିମା—୩୭/ରଙ୍ଗ—୩୯/ସୁଧାସନ୍ଧାନୀ—୪୧/ରମାଦେବୀ—୪୩/କୁଳବୃଦ୍ଧ—୪୫/ଆଶା—୪୭ / ହୋଲି—୪୮ / ଅଳସ ମୁହୂର୍ତ୍ତ—୫୦ / ମଶକର ଚିଟାଉ—୫୨ / ସ୍ୱପ୍ନିଳ ମାତୃତ୍ୱ—୫୫ / ଆଗ୍ରହୀ ହରିହର—୫୯ / ସୁସ୍ଥ ଆଉ ଅସୁସ୍ଥର ଦୁଇଟି ପୃଥିବୀ—୬୧ / ସିଗାରେଟ୍—୬୪ / ଉଦ୍‌ଘାଟନ—୬୬ / ସ୍ଥାପତ୍ୟ ସପ୍ତକ—୬୯/ବିଜ୍ଞାନର କରାମତି—୭୧/ବିଜ୍ଞାନର ଜୟଯାତ୍ରା—୭୪/ବାର୍ଦ୍ଧକ୍ୟ—୭୭/ପୂର୍ଣ୍ଣତାର ଦ୍ୟୋତକ—୮୧/ପରିବେଶ—୮୩/ଜୀବନର ରକ୍ଷାକବଚ—୮୬/ମହାନର ମହାଯାତ୍ରା—୮୯/ହଜିଲା ସ୍ମୃତି—୯୧/ ମହତାବଜୀଙ୍କର ୮୮ତମ ଶୁଭ ଜୟନ୍ତୀ ଅବସରରେ—୯୪ ॥

Digitized by PPRACHIN, SOA

।। ଚୈତ୍ର ବେହାଗ ।।

ଚଇତର ଯନ୍ତ୍ରଣା ବିଚିତ୍ର
ଓ ଅନାହୂତ ତା'ର ପ୍ରତିକ୍ରିୟା,
ଏଇଠାରେ
ଦୁନିଆର ସବୁଜିମା ଆତ୍ମହତ୍ୟା କରେ
ବସନ୍ତରେ ଆର୍ଜି ଦିଏ
ହତାଶାର ପୂର୍ଣ୍ଣଛେଦ
ବ୍ୟାକୁଳଙ୍କ ଧ୍ୱନି ପ୍ରତିଧ୍ୱନି
ବୁଭୁକ୍ଷୁଙ୍କ ସ୍ୱାସ୍ଥ୍ୟ ପ୍ରଦର୍ଶନୀ,
ଭେକିଲ ଗୃହାଣୀ
ଆକାଶର ଚିକ୍ ଚିକ୍ ତାରାମାନେ
ମଳିନ ପଡ଼ନ୍ତି
ଆଶଙ୍କାର ତପ୍ତ ବାୟୁ, ଶଙ୍କା ବୈତରଣୀ
ଝଡ଼ାପତ୍ର ମାଳ ମାଳ ମଧ୍ୟେ
ଆମେ ଖୋଜୁ ଆଶ୍ୱାସନା-ରେଣୁ ।

ଏ ଚଇତ ବାର୍ଦ୍ଧି ବସେ
କ୍ରାନ୍ତି ଏବଂ ଶାନ୍ତି ମଧ୍ୟେ କେତେ ଦ୍ୱନ୍ଦ୍ୱ
ଜୀବନ ଓ ମୁକ୍ତିରେ ବିତଣ୍ଡା;
ମଶକଙ୍କ ଗୁଞ୍ଜରଣ ମଧ୍ୟେ
ଅଗ୍ନକ ମାଡ଼ିଆସେ ସାମୁଦ୍ରିକ ଝଡ଼
ପତ୍ରଝଡ଼ା ଥୁଣ୍ଟା ଗଛ ମୂଳେ
ଅନାଥ ଶିଶୁଟି,

Digitized by PPRACHIN, SOA

ପତିହରା, ପୁତ୍ରହରା,
ସର୍ବହରା, ନିର୍ଦ୍ଦୋଷ ଚକ୍ଷୁରେ
ଅନେକ ଶ୍ରାବଣ
ଯୌବନର ଢେଉ ତଳେ
କାରୁଣ୍ୟର ଛାୟା
ଓ ପାପର ଚକ୍ର ତଳେ ନିଷ୍ପେଷିତ ନାରୀ
ଗୁଣ୍ଠି ରଖେ ଗୋପନରେ ଯୌତୁକ-ଯନ୍ତ୍ରଣା ମାଳା
ରାତିର ଅନ୍ଧାର ମଧ୍ୟେ
ଅଣ୍ଟାଳେ ସେ ସ୍ୱପ୍ନିଳ ପୁସ୍ତକ
କିନ୍ତୁ ହାୟ
ତାର ସର୍ବ ସ୍ୱପ୍ନ ବାହୁଡ଼ନ୍ତି
କ୍ଳାନ୍ତ ପକ୍ଷୀ ସୂର୍ଯ୍ୟାସ୍ତ ସାଂଗରେ ।

ଏ ଚଇତ ହାତ ଠାରି ଡାକେ
ବଂଚିବାର ସ୍ୱାଦ ତୁମ ବନ୍ୟା ବାତ୍ୟା
ମରୁଡ଼ିର ଚିତ୍ର
ଅଗ୍ନିର ତାଣ୍ଡବ ଲୀଳା
ଶ୍ମଶାନରେ ଶବଙ୍କର ମେଳା
ବଂଚିବାର ମୋହ ସରିଆସେ
ଏ ମଣିଷ ସ୍ୱପ୍ନ ଦେଖେ
ଜୀବନ୍ତ ସମାଧି ।

ଶୃଗାଳଙ୍କ ଚିକ୍ ଚିକ୍ କରୁଥିବା
ତା' ନିର୍ବୋଧ ଚକ୍ଷୁରେ ତ
ପ୍ରତିଶୋଧର ସ୍ଫୁଲିଙ୍ଗ
ଶାନ୍ତିକାମୀ ମାନବର ଯେତେ ହା-ହାକାର
ଏ ଚଇତ କଙ୍କାଳରେ
ଫହଡି ଖୁଣୀର ଛୁରା

Digitized by PPRACHIN, SOA

ପରମାଣୁ କ୍ଷୁଧା
ମିନି ଷ୍ଟାର ଓ୍ୟାର୍‌ ଛବି
ଏ ମାନବ ଉନ୍ମାଦ ଓ ଉଚ୍ଛୃଙ୍ଖଳ ଆଜି ।

ସେ ଈର୍ଷାର ହେଲ୍‌ମେଟ ପିନ୍ଧି
ଚଳାଏ ସେ ଜୀବନ-ସ୍କୁଟର
ଦୁର୍ଘଟଣା ପଦେ ପଦେ
ଚିତ୍ରଗୁପ୍ତ ପାଞ୍ଜି ତାର ଆୟୁ ପୋଛି ଗଲେ
ତୁଷାର ଯୁଗର ସେଇ ଅନ୍ଧ ଗଳିଟିରେ
ଆମେ ସବୁ ଏ ଯୁଗର
ସଭ୍ୟ ମାନବ
ଏକବିଂଶ ଶତାବ୍ଦୀର
ଶାଂତି ମୈତ୍ରୀ ପ୍ରଗତିର ଝଂଡ଼ା ଧରି
ଆମେ ସବୁ
ସଭ୍ୟତାରୁ ଚିର ନିର୍ବାସିତ ।

●

Digitized by PPRACHIN, SOA

।। ସୁନ୍ଦର ଟିକି ଘର ।।

ସୁନ୍ଦର ଟିକିଘର ମୋର
ଦରଫୁଟା କଳି ପରି ସଦା ହସ ହସ
ପୂର୍ଣ୍ଣଚାର ଥଳି ମୋର ଭରି
ଈଶ୍ୱର ଆଶୀର୍ବାଦ, ବିଭୂତିରେ ଭୂଷିତ
କଲ୍ପ କର୍ମ ଭିତର ବାହାର
ସବୁ ମୋର ଏକ ରେଖା, ଧାରଭରା
ଆଦର୍ଶରେ ପୂରିତ ।

ସଜଡ଼ା ସେ କର୍ମଧାରା
ସଜଡ଼ା ମୋ ଘରଟିର ଭିତର ଓ ବାହାର
ଘରଟି ମୋ ଫୁଟାଫୁଲ
ବାସନାରେ ସୌରଭିତ
ଆତିଥ୍ୟର ହାଓ୍ୱାରେ
ଚଉଦିଗ ଭରପୂର
ଅସଜଡ଼ା, ଅଶାନ୍ତି ତ ଅଛି ବହୁଦୂରେ ।

ଈଶ୍ୱରଙ୍କ ଆଶୀର୍ବାଦ
ସନ୍ତୋଷ ଓ ଶାନ୍ତିଭରା ଛୋଟ ଏ କୁଟୀର
ଯେତେ ସବୁ ଖାଲ ଅଛି, ଖାତ ଅଛି
ଏ ମନ୍ଦିର ଚଉପାଶେ
ଶାନ୍ତି ତ ପୂରିଛି
ହୃଦୟର ଖୋଲା ଦ୍ୱାରେ
ଈଶ୍ୱରଙ୍କ କରୁଣା ମୋ ଆଂଜୁଳିରେ ଭରିଅଛି
ଜୀବନଟା ତାଙ୍କ ପଦେ
ସମର୍ପି ଦେଇଛି ।

●

Digitized by PPRACHIN, SOA

।। ପ୍ରଶ୍ନବାଚୀ ।।

ନିର୍ବାଚନ ହାରଜିତ, ସ୍ୱପ୍ନର ସଉଧ
ଗଢ଼ିଗଲେ ମନେ ମନେ
ସବୁଆଡ଼େ ଡାକବାଜି, ଗୀତ ବାଜା
କେତେ ଧ୍ୱନି, କେତେ ପ୍ରତିଧ୍ୱନି
ସହର କନ୍ଦିରେ ଆଉ ପ୍ରଶସ୍ତ ରାସ୍ତାରେ ।

ପୁଣି.........
ଛକି, ଛକି ଚଉମୁହାଁଣିରେ
ଗଳାଫଟା ସ୍ୱର, କେତେ ସତ, କେତେ ମିଛ
ମାଳା, ମାଳା ପ୍ରତିଶ୍ରୁତି
ଦେଖା ଓ ଅଦେଖା ସବୁ କେତେ ଛବି
ଧାଡ଼ି, ଧାଡ଼ି ପୋଷ୍ଟରଙ୍କ ମାଳ
ବଡ଼ ବଡ଼ ପ୍ରାଚୀର ଛାତିରେ
ବିଭିନ୍ନ ପର୍ଟିଙ୍କ ଗ୍ଲେ
ପଥ ପ୍ରାନ୍ତ ସଜ୍ଜ.........
ବେଳେ ବେଳେ,
ବାରଂବାର ଶବ୍ଦର ସ୍ରୋତରେ
ଲାଲ ରଙ୍ଗର ହସଭରା, ପୂର୍ତ୍ତିଭରା
ଦୂର ଦିଗ୍‌ବଳୟ ଫିକା ପଡ଼ିଯାଏ
ଠିକ୍ ଫିକା ପାହାନ୍ତିଆ ପରି
ମନେ ହୁଏ କେଉଁ ଏକ
ମାନସିକ ରୋଗୀ.........

Digitized by PPRACHIN, SOA

ତାର
ଶୁଖିଲା ଅସଜଡ଼ା କେଶରାଶି
ଆଉ ରୁଗ୍‌ଣ ମୁହଁଟା
ବିଦ୍ରୂପ କରୁଛି ଆଜିର ଏ
ବିଶ୍ୱମାନବଙ୍କୁ ।

ପୁଣି......
ଏଇ ପ୍ରତିଶ୍ରୁତି ମେଳେ
ଆଂକୁଳା ଆଂକୁଳା ଆଶା
ଜନ୍ତନାର ଜାଲ ଟାଣି ଗର୍ଜ୍ଜି ତୋଳେ ଶୂନ୍ୟରେ ସଉଧ
ଖଟିଖିଆ ଗହଳି ଭିତରେ ମିଶିଯାଏ
ଯିଏ ଖଟେ ଦିନଗତି, ମୁଂଡ ଝାଳ ତୁଂଡେ ମାରି
ଖରା ତରା, ବର୍ଷା ଓ ବତାସେ
କହ କେଉଁ ପାଇଁ ?

ସିଏ କଣ ସ୍ୱାର୍ଥଭରେ ତ୍ରିତଳ ପ୍ରାସାଦ ତୋଳି
ମୁର୍ଚ୍ଛି ପାଣି, ବାସି ତୋରାଣିରେ ।

●

Digitized by PPRACHIN, SOA

।। ହେ ବିପ୍ଳବୀ କବି ।।

(ସ୍ୱର୍ଗତ କବି ଅନନ୍ତ ପଟ୍ଟନାୟକଙ୍କୁ)

ହେ ବିପ୍ଳବୀ କବି
ବ୍ୟଭିଚାର, ଭ୍ରଷ୍ଟାଚାର, ନୀତିହୀନ
ସମାଜ ଭିତରେ
ତୁମର ସେ......
ନିର୍ଭୀକ ଲେଖନୀ ମୁନେ
ସାହିତ୍ୟରେ ତେଜି ଦେଲ
ବିପ୍ଳବର ଲେଲିହାନ ଶିଖା—
ସାହିତ୍ୟ ପଥରେ ତୁମେ ଖଂଜିଗଲ
ଖଟିଖିଆ, ମଜୁରିଆ ଜୀବନର ନିର୍ମମ ସତ୍ୟ
ବାମପନ୍ଥୀ ଚିନ୍ତାଧାର
ବଂଚିବାର ସ୍ୱାଦ ଦେଇ, ଆଦର୍ଶ ପୁଷ୍ପସବୁକୁ
ଗୁନ୍ଥିଦେଲ ସେ ଲେଖନୀ ମୁନେ
ହେ ମହାନ୍ ପ୍ରଗତି ପଥର କବି
ସମାଜର ଦଳିତ, ଲାଂଛିତ ପାଇଁ
ପୋଛିଗଲ ସପନ କୁହୁଡ଼ି
ସାଗରର ମନ ନେଇ, ଗୁହିଁଥିଲ ତୁମେ
ଝରିବାକୁ ବଣ ମଲ୍ଲୀ ପରି
ହେ ବିପ୍ଳବୀ କବି
କଲମ ମୁନରେ ଭରି ବିପ୍ଳବର କାଳି
ଖଟିଖିଆ ଚାଷୀ, ଦିନ ମଜୁରିଆ ପାଇଁ
ଥିଲା ତୁମ ଚିନ୍ତା......

Digitized by PPRACHIN, SOA

ମୁଣ୍ଡ ଝାଳ, ତୁଣ୍ଡେ ମାରି
ଦିନ ନିଏ ଯିଏ
ସିଏ ବି ମଣିଷ......
ସେ ବଂଚିବେ ମଣିଷଙ୍କ ପରି
କାହିଁ ସେ ମଶାଲ ଆଜି
ତୁମ ସ୍ୱପ୍ନ ହେଲନି ସଫଳ
ଦାଦନ ଶ୍ରମିକ ଆଜି, ଅନ୍ତରର କୋହ ଢ଼ାଙ୍କେ
କେଉଁ ଦିଗନ୍ତରେ ?

ସମସ୍ୟାର ଘଣି ଘଣି ବାଲୁକା ଶେଯରେ
ସେ ଦଳିତ ଝୁରୁଛନ୍ତି ଟିପ୍, ଟିପ୍ କୁହୁଡ଼ି ଚକ୍ଷୁରେ
ତୁମରି ବିୟୋଗେ
ଅସ୍ତଗାମୀ ସୂର୍ଯ୍ୟର ସେ ରକ୍ତାଭ ଗଗନ
ଆଜି ଧୂସରିତ
ନାହିଁ ତ ଝଂକାର ଆଜି ଏଇ ପକ୍ଷୀକୂଳେ
ରକ୍ତର କଣିକା ତୁମ ବୁଝିଥିଲା
ଦଳିତଙ୍କ ଯାତନାର ଅଶେଷ ଯନ୍ତ୍ରଣା......
ସୃଜନୀ ଶକ୍ତିରେ
ଘୁଂଗୁଇଲ ସମାଜର ଅସଂଖ୍ୟ ବେଦନା
କରୁଣରୁ କରୁଣ ସେ ଆର୍ତ୍ତଙ୍କ ଚିତ୍କାର
ହେ ନିର୍ଭକ ବିପ୍ଳବୀ କବି,
ମହାଯାତ୍ରା ପଥେ ତୁମେ
ଶାନ୍ତିର ମଶାଲ ଧରି
ଡୁବିଗଲ ଅନନ୍ତ ସାଗରେ
ଶୁଣିବାକୁ, ଖୋଜିବାକୁ ସ୍ରଷ୍ଟାଙ୍କର ଏକମାତ୍ର
ସତ୍ୟ, ଶିବ, ସୁନ୍ଦରର ଚିରନ୍ତନ ସ୍ୱର ।

Digitized by PPRACHIN, SOA

॥ ସମୟ ॥

ସମୟ.........
ସିଏ ତ ଚଳନ୍ତା ଗାଡ଼ି
ଟିକିଏ ବି ଅଟକେନି
ଚାଲିବା ପାଇଁ ଚାହେନି ଟିକେ ବି ଇନ୍ଧନ ।

ସମୟ.........
କୁଆଁ କୁଆଁ କାନ୍ଦୁଥିବା
ନବଜାତକ
ସ୍ୱପ୍ନ ଦେଖେ କେତେ କଣ......
ତା ପରେ
ତା ବୋଉକୋଳରେ ମୁଣ୍ଡ ଗୁଞ୍ଜିଥିବା
ସେଇ ନିରୀହ ଶିଶୁଟି
ଫିମିର ପାଉଁରୁଟି ଖଣ୍ଡେ ଖାଉଥିବା
ସେଇ କୁନିଝିଅଟି,
ବାପା ବୋଉଙ୍କୁ ଛାଡ଼ିଛି ଯିଏ
ମଶାଣି ଭୂଇଁରେ...

ସମୟ......
ରୁଗ୍ଣ ବୃଦ୍ଧଟିଏ
ଟାଉନ୍‌ବସରେ ଝୁଲି ଝୁଲି ଯାତ୍ରା କରେ
ଅତର ପରି ବୋଳିହେଇପଡ଼େ
ଟପ୍ ଟପ୍ ନିଗିଡ଼ି ପଡ଼ୁଥିବା
ସଫେଦ୍ ବାବୁଙ୍କ ଝାଳ ।

Digitized by PPRACHIN, SOA

ସମୟ......
ଭୁଲିବାର ମହାନ୍ ମନ୍ତ
ଜୀବନର ଘାତ-ପ୍ରତିଘାତ
ଯେତେ କଳଙ୍କିତ ଅଧ୍ୟାୟ
ପୁନଶ୍ଚ
ବଂଚିବାର ସ୍ୱାଦ ବିଂଚିଦିଏ ।

ସମୟ......
ବାଲିଯାତ୍ରା—କଟକ ନଗର ସ୍ୱପ୍ନ ଦେଖେ
ହାତି, ଘୋଡ଼ା, ଚଉକିର ଚକ୍ରିରେ
ଘୁରେ......
ଘିରି ଘିରି
ଘରିବାର ଆନନ୍ଦରେ ସର୍ବେ ଏକାକାର ।

ସମୟ......
ବାତ୍ୟା, ବନ୍ୟା, ମରୁଡ଼ି
ଅସରନ୍ତି ଦୁଃଖ
ଆଉ ଶବମାନଙ୍କର
ହାହାକାର ।

Digitized by PPRACHIN, SOA

॥ ଆହତ ସ୍ୱାକ୍ଷର ॥

ଏତେ ମାୟା—ଏତେ ମୋହ—ଏତେ ଆକର୍ଷଣ
ସବୁ ମିଥ୍ୟା ?
ସବୁ ପ୍ରତାରଣା ??
କୁହଗୋ ଧରିତ୍ରୀ,
ଏ ଜୀବନେ ଯେତେ ସତ୍ୟ ସବୁ ଖାଲି
ପ୍ରତାରଣା ଅବୋଧ ଛଳନା... ?

ଆଃ—କୁହ ନାହିଁ ଚନ୍ଦ୍ର
ସେ ଯନ୍ତ୍ରଣା ଅନ୍ତର୍ଦାହ
ତମ ଜନ୍ମ ଘୁରିବାକୁ ତମରି କକ୍ଷରେ
ଜନ୍ମ ମୋର ବ୍ୟତିକ୍ରମ ଚିନ୍ତା ଆଉ ଚେତନାର—
ଘୁରିବାକୁ ଅନ୍ୟ କକ୍ଷ ପାଇଁ...
ମୁଠାଏ ଆହତ ସ୍ୱପ୍ନ, ଆଂଜୁଳାଏ ଆଶା
ଆକାଶର ସବୁଜ ଛାତିରୁ
ସବୁଶେଷେ ହଜିଯିବେ—
ଗତି ଶେଷେ କୁଁଆଡାଗ ପରି ।

କାହିଁକି ବଢ଼ାଏ କର, ପ୍ରସାରଣେ ଦିଗନ୍ତ ବିସ୍ତାରି
ସ୍ରଷ୍ଟାର, ଏ ବିଚିତ୍ର ସର୍ଜ୍ଜନା
ଜନ୍ମ ଜନ୍ମ ଅଭିଶାପ—କେହି କାରେ ପାରିବାନି ଛୁଇଁ
ବର୍ଷାର ମାଟି ଗନ୍ଧେ—ସକାଳର ବାଳ କିରଣରେ—
ବୈଶାଖର ଝାଞ୍ଜି ଆଉ—
ବସନ୍ତର କୋକିଳ ସ୍ୱନରେ,
ଯୁଗ ଯୁଗ ବେଦନାରେ ଜଳି ।

Digitized by PPRACHIN, SOA

ଚନ୍ଦ୍ରର ଆଖିରେ ଆଶା
ଶିଳା ଗାତେ ଛାଇ ଛିଟା
ଶତାବ୍ଦୀର ମୂକ ମୌନ ଭଷା
ତଥାପି ତ ଠିଆ ହେବା ଦିନେ—
ଅତୀତର କବର ଉପରେ
ସୂର୍ଯ୍ୟ ସାଥେ ସରଳ ରେଖାରେ
ପ୍ରତିକ୍ଷିତ ସେ କେଉଁ ଅୟନେ ।।

ସେଦିନର, ସମୀଲିପ୍ତ ଛାଇ ଛିଟା ତମ
ପୃଥିବୀର ଅନ୍ଧକାର କଳଙ୍କକୁ ନେଇ
ବକ୍ଷେ ମୋର ଆଙ୍କିଲେ ଚୁମ୍ବନ
ସ୍ତିମିତ କାୟାରେ ଭରି ତମ ରୂପ, ତମରି କାହାଣୀ
ଅନନ୍ତ ସକାଳ ପାଇଁ
ସେ ଛାୟାକୁ କରୁଥିବି ବାର ବାର
ଆବେଗେ ବଂଧନ ।।

କୁହ ପଛେ ? ନଷ୍ଟ ଚନ୍ଦ୍ର
ସକାଳର ଶିଶିରିତ ଝଗ କେଉଁ ଗଂଗଶିଉଳିରେ
ରାହୁଗ୍ରାସ କଳଂକିତ ମୁହିଁ
ଲଗ୍ନ ମୋର ନକ୍ଷତ୍ରରେ ଲେଖା
ଏ ଦୁନିଆ କରୁ ପଛେ ହତାଦର...
ଅବା ଅସ୍ୱୀକାର !!
ମୁଁ କିନ୍ତୁ ଜାଣିଛି ତାହା ଛାୟା ନୁହେଁ
ଛବି ନୁହେଁ—ତମ ଛବି
ଅପହୃତ ବେଦୀକାରେ ମର୍ମଭେଦୀ
କେଉଁ ଏକ ଆହତ ସ୍ୱାକ୍ଷର ।।

Digitized by PPRACHIN, SOA

।। ଚମ୍ପାନାନୀର କନିଆଁ ଦେଖା ।।

ମାଣିଆବନ୍ଧର ଖଣ୍ଡୁଆ ପିନ୍ଧିଲେ
ଚମ୍ପାନାନୀ ଗଲେ କନିଆଁ ଦେଖି
ନଈନାଳ ପାରି, ଦମ୍ ଛୁଟେଇ
ବୋହୂ ହେଇଥାଉ ବିଶିଆ ନାଣି
ଏକୋଇର ବଳା ବିଶିକେଶନ ସେ
ହଲିଗଲ ପାଣିରେ ନ ଦିଏ ପାଦ
ହାତି ପରି ବପୁ ଲବଣୀ ସରର
ଖାଇ, ଶୋଇ ତାର ବଢ଼ିଛି ମେଦ
ଦି, ଦି ଥର ବେଦୀରୁ ଲେଉଟ
ବପୁ ଦେଖି ଝିଅ ଦେଲା ଚମ୍ପଟ
ବଡ଼ ହଟହଟା ଥଟ୍ଟା ଟାପର
ବିଶିକେଶନଙ୍କ କନିଆଁ ଭେଟ ।

ପାନଖିଲ ଢାକି ଚମ୍ପାନାନୀ ଆମ
ସାଥିରେ ଚେମେଣି ଖୁଡ଼ୀ
ବୋହୂ ପଛେ ଆମ ଉର୍ବଶୀ ନ ହେଉ
ଏଇଥର ·ଛିଡ଼ାଛିଡ଼ି
ବୋହୂ ଦେଖି ଦେଖି ଅଣ୍ଟା ଭାଙ୍ଗିଲା
ଡାକ୍ତର ଦିଏ ଡାକରା
ଚମ୍ପାନାନୀଙ୍କେ ପ୍ଲାଷ୍ଟର ଜାକେଟ
ପିନ୍ଧିବୁ ଜୀବନ ସାରା ।

Digitized by PPRACHIN, SOA

ଥିରି ଥିରି ଚାଲି ଘୁଂଘୁର ପାଉଁଜି
ଗୋଡ଼ରେ ଲମ୍ବା ଚପଲ
ଗାଢ଼ ନାଲି ଓଠେ ଘନକୃଷ୍ଣ କେଶ
ଆସିଲେ କରି ଚହଳ

ବୋହୂ ଜୋଡ଼ି ହସ୍ତ, ଶାଶୁ ଜୋଡ଼ି ହସ୍ତ
ଘର ଲୋକ ଖିଲି ଖିଲି
ଟେମିଖୁଡ଼ୀଙ୍କର ଚାଟକା ଗହାଣୀ
ଖୋଲିଲା ହସର ଝୁଲି

ଡିସ୍କୋ ଟୋକାଏ ଉପର ସାହିର
ମଉଜ ଦେଖିବା ଲାଗି
ବଇଦାନନାକୁ କନିଆଁ ସଜେଇ
ବିଶିଆକୁ ଛନ୍ଦାଛନ୍ଦି

ରୂପକାନ୍ତି ଦେଖି, ଚମ୍ପାନାନୀ ଆମ
ହସିଲେ ଗରବ ହସ
ଏଇ ଝିଅ ଏକା ବିଶିଆ ଲକ୍ଷ୍ମି ମୋ
ଗଣ୍ଠିଧନ ପାଶେ ବସ ।

ଆଦରରେ ଚମ୍ପା ଅଣ୍ଡାଳିଲେ ବଧୂ
ଶିରେ ଥୋଇ ତାଙ୍କ ହାତ
ସୁନ୍ଦର କେଶକୁ ଆଉଁସି ଲାଗିଲେ
ହାତ ହେଲା ଗତ ଗତ ।
ନକଲି କେଶଟି ଶିରରୁ ଖସିଲା
ଖସିଲା ବସନ ଅଙ୍ଗୁ
ଛତଗ ଟୋକାଙ୍କ ହାତଚାଳି ନାଚ
ମନକୁ କରିଲା ପଙ୍ଗୁ ।

Digitized by PPRACHIN, SOA

ଘଗେ ଢର ଢର ଚମ୍ପାନାନୀ ମୁଠା
ବଇଦା ଗାଲରେ ଖୁନ୍ଦା
ନେଣ୍ଡାଏ ପିଙ୍କ ଛାଡ଼ିଲା ଚେମେଣି
ଧିକ ଏ ଛତଗ ଫନ୍ଦା
ଡିସୋ ପିଲାଏ ହୁଇସିଲ୍ ମାରି
ନାଚିଲେ ନକଲି ନାଚ
ଲମ୍ବା କଲୀ ଆଉ ଝାଂପୁଗ ବାଳରେ
କରିବାକୁ ଏଇ ପେଂଚ ।

ଭେଜାଲ ସମାଜ, ଭେଜାଲ ଖାଦ୍ୟ
ଭେଜାଲ ଦୁନିଆ ଆଜି
ନକଲି ଡାକଗ, ନକଲି କନିଆଁ
ଆସିଥିଲ ସାଜିସୁଜି;
ହସିଲେ ସରବେ କରତାଳି ଦେଇ
ସାହି ଦାଦାଙ୍କର ହସ
ଛି ଛି କରି ବାହୁଡ଼ିଲ ନାନୀ
ପେଟିରେ ପେଟିଏ ହସ
ପୁଚୁକା ଗାଲରେ ଭସିଲ ବିଣିଆ
ବୋଉଲେ, ମୋ ଗଣ ଚତେ
ଫଟଟିଏ ମୋର ଖବରକାଗଜେ ଛାପିଲେ ଦେଖିବୁ
କନିଆଁ ଆସିବେ କେତେ ।

●

Digitized by PPRACHIN, SOA

।। କାହିଁ ତାର ନୀଡ଼ ? ।।

ସେ ନାରୀ
ଜାତିର ନମସ୍ୟା
କଲ୍ୟାଣୀ ଶୁଚିସ୍ମିତା
କାହିଁ କେଉଁ ଅନାଦି କାଳରୁ
ସୃଷ୍ଟିର ସାରାଂଶ
ସେ ସ୍ରଷ୍ଟା, ଅନେକ ସୃଷ୍ଟିର
ସେ ପ୍ରଶ୍ନବାଚୀ ।

ଏକଧାରେ ଅମୃତର ସ୍ପର୍ଶ
ଅନ୍ୟଧାରେ ବିଷର ପସରା
ଯନ୍ତ୍ରଣା ସବୁ କରି ଆତ୍ମସ୍ଥ
ତ୍ୟାଗର ଅକ୍ଷୟ ମୂର୍ତ୍ତିମନ୍ତ
ସେ ନୁହେଁ କାମନା କନ୍ଦୁକ
ଆତ୍ମବଳୀ ତା ମନର ଭାଷା...
ମହିଳା ଦଶନ୍ଧି...ନାରୀ ସମାବେଶ
ସଭିଙ୍କର ଏକ ସ୍ୱର
ଆମେ ସ୍ୱେଚ୍ଛାସେବୀ, ଆମେ ଫୁଟାଫୁଲ
ଘରର ଜଂଜାଳ ଠେଲି
ଟିକି ଟିକି ନିଜେ ଜଳି
ପ୍ରସାରିତ ଆମ ଦୁଇହାତ...
ସେବା ଦେବୁ ଆମେ
ସହର ଓ ଗାଁ ଗହଳିରେ
ଅଗଣିତ ଆମ ଶିଶୁ

Digitized by PPRACHIN, SOA

ଦରଫୁଟା ଝାଉଁଳିଲ୍ଲ କଳି
ଆଜି ଆମେ ସେବାର ଶେଫାଳି
କିନ୍ତୁ ହାୟଃ...
ଜୈବିକ ଦୃଷ୍ଟିରୁ ଯିଏ ଉନ୍ନତ, ମହତ
ଆଜିର ବାଳିକା, ନିଷ୍ପେଷିତ, ପଦହତ
ଆଖିରେ କରୁଣ ଭଷା,
ଦରଭିଜା ଆଖିପତା
ପାଉଁଶିଆ ମାଛକାଡି ଡୋଳାର କାହାଣୀ
ସାମାଜିକ ଭର୍ତ୍ସନା ଶରବ୍ୟ
ମୃତ ଅହଙ୍କାର, ଝୁଲେ ରୁକ୍ଷ ଜଡ଼ତା ଦୋଳିରେ ।

ପିତା, ମାତା ଗଳଗ୍ରହ
ଯୌବନରେ ଡାକେ ତାରେ
ଯୌତୁକର ଜାଲ...
ଭ୍ରଷ୍ଟାଗ୍ନରୀ, ଦଲାଲଙ୍କ ଲୋଲୁପ ଦୃଷ୍ଟିରେ
ବହିଯାଏ ନୈରାଶ୍ୟର ବନ୍ୟା,
ବଳାତ୍କାର, ବିବେକକୁ ହତ୍ୟା କରେ...
କରନ୍ତି ସେ ରୂପ ବ୍ୟବସାୟ
କୁମାରୀତ୍ୱ ବଳି ପଡ଼େ
ଯୌନରୋଗ କରି ଆମନ୍ତ୍ରଣ
ସୌନ୍ଦର୍ଯ୍ୟ ଓ ସମ୍ଭୋଗର ସ୍ୱର୍ଣ୍ଣ କାରାଗାରେ
କରେନି ତ କେହି ତାର ରୋଗର ନିଦାନ
ଆଶାର ଆକାଶେ ତାର ଯନ୍ତ୍ରଣାର ତୀବ୍ରବାଣୀ
କାହିଁ ତାର ଭରସାର ବାଆ ?
କାହିଁ ତାର ନୀଡ଼ ? ? ?

●

Digitized by PPRACHIN, SOA

।। କାଳୀୟ ଦଳନକାରୀ ।।

ବିବସ ପ୍ରାଣରେ ଲଗିଅଛି ବ୍ୟଥା
ଏ ପୃଥିବୀ ପଛେ ନ ବୁଝୁ ସେ କଥା
ତଥାପି ଲେଖିବି ଲେଖନୀର ଧାରେ
ଆଖିର ଲୋତକ ଦେଇ ଜୀବନ ସଂଧ୍ୟାରେ ମୁହିଁ
ମର୍ମ ବେଦନା ମରମରେ ମରେ
ଶତ ଅମାବାସ୍ୟା ଉଆଁସର ଧାରେ
ଏକାକୀ ବିଜନେ ବସି ମୁଁ ନିଥର
ଜୀବନୀ ପାରଦେ ଦେଇ ଶିଖା ଧାର
ଲେଖୁଛି ଅନ୍ତିମ କଥା—
ଜୀବନର ସେଇ ବ୍ୟଥା ।

ଜୀବନ ସନ୍ଧ୍ୟାରେ ତାର ସେଇ ଛବି
ପ୍ରତିଟି ପଲକେ ଦେଖାଯାଏ ଆଜି
ତାର ସୁମଧୁର ରୂପରେଖା ଜ୍ୟୋତି
ତା ବଂଶୀର ସେଇ କରୁଣ ନିଃସ୍ୱନ
ବାର ବାର ଯାଏ କହି
ହାର୍ ମାନିଲେ, ପାଇବକି ବନ୍ଧୁ
ଜୀବନର ସେଇ ମଧୁ— ?
ବୁଝୁଚି, ବୁଝୁଚି, ବୁଝୁଚି ହେ ବଂଧୁ
ହେ ଜୀବନ ପ୍ରିୟତମ !
ତମର ସେ ବେଳେ ଗୋଟିଏ କାଳୀୟ
ଦଂଶନର ଜ୍ୱାଳା କରିବାକୁ ଉପଶମ

Digitized by PPRACHIN, SOA

କରିଥିଲ ତମେ କାଳୀୟ ଦଳନ
ହୋଇ ପୁରୁଷୋତ୍ତମ
ଆଜି କିନ୍ତୁ ସଖା ସହସ୍ର କାଳୀୟ
ଫୁତ୍‌କାରୀ ବିଷ ଶିଖା–
ସରସ ପୃଥିବୀ ଭସ୍ମ କରୁଛି
ଦେଖି କି ପାରୁନ ତମେ ?
ତମେ ବି ତ ଥିଲେ ହାର୍‌ ମାନିଥାନ୍ତ
ମୃତ୍ୟୁକୁ ଆଦରି ନେଇ–
ଗରଳ ଶେଯରେ ଶୋଇ ।

●

Digitized by PPRACHIN, SOA

॥ ଈଶ୍ୱର ॥

ହେ ଈଶ୍ୱର, ପରମେଶ୍ୱର
ଦିଅ ମତେ ଜ୍ଞାନର ସେ ପରମ ଐଶ୍ୱର୍ଯ୍ୟ
ବରଷାଅ ବ୍ରହ୍ମ-କୃପା, ଭରିଦିଅ ବ୍ରହ୍ମବିଦ୍ୟା, ବୁଝିନିଏ
ତୁମରି ତାତ୍ପର୍ଯ୍ୟ
ମସ୍ତିଷ୍କ ଭଣ୍ଡାର ମୋର ଭରିଦିଅ
ବୈଦିକ ଧନରେ
ତୁମେ ହୁଅ ମୋହର ଆଧାର
ତୁମ ନାମ ହେଉ ମୋ ଭୂଷଣ
ହୃଦୟ-ଜମିରେ ମୋର ରୋପିଦିଅ
କଳ୍ପତରୁ ବୃକ୍ଷ
ଯେତେ ଯେତେ ଅଭିଳାଷ
ଅନାବନା ବୃକ୍ଷ...
ମୋ ଭିତରୁ ସଫାକର
ଜଗତର ନାଥ ॥

ଏ ମନରୁ ଜନମିଛି ସ୍ନେହ, ଶ୍ରଦ୍ଧା, କ୍ଷମା, ପ୍ରୀତି
ଭକ୍ତି ଅନୁକମ୍ପା
ଅପର ପକ୍ଷରେ ଭଉ ଈର୍ଷା, ଦ୍ୱେଷ, କ୍ରୋଧ, ଲୋଭ
ହତ୍ୟାକାରୀ ପାପୀର ସେ ଦାନବର ନିଶା
ଚିନ୍ତନ, ବିଗ୍ଭର, ଅଭ୍ୟାସର ଅପୂର୍ବ ମିଳନ
ଭରିଦେଇ ଜ୍ଞାନାଲୋକ ପ୍ରସ୍ଫୁଟିତ କର ମନପୁଷ୍ପ

Digitized by PPRACHIN, SOA

ସଂସାରର ଅଳୀକ ମାୟାରେ
ଆଜି ଆମେ ବାର୍ଦ୍ଧକ୍ୟରେ ଦୃଷ୍ଟିଶକ୍ତିହୀନ
ଅନ୍ଧକବି ସୁରଦାସ ସୁହଁ ତ ନ ଥିଲେ କେବେ
ଏ ଚକ୍ଷୁରେ ତୁମ ଦରଶନ
ମାଗିଥିଲେ ଦିବ୍ୟଚକ୍ଷୁ, ଦିବ୍ୟପ୍ରାଣ
କରିବାକୁ ତୁମରି କୀର୍ତ୍ତନ ।

ପଦ୍ମପରି କର ମୋ ହୃଦୟ
ଅଧର୍ମର, ଅନୀତିର ପଙ୍କ ପଛେ
ଥାଉ ଚଉପାଶେ
ଅନ୍ୟାୟ ଓ ପାପଭରା ଏ ଭ୍ରଷ୍ଟ ସମାଜେ
ଅହରହ ତୁମ ନାମ ସ୍ମରେ ।

●

Digitized by PPRACHIN, SOA

।। ସୁଲମାଉସୀର ଗୋପନ କଥା ।।

ମନି କହିଲ ସୁଲମାଉସୀ ଲେ, ତୁ କିଆଁ ଦିଶୁ
ଏଡ଼େ ସୁନ୍ଦର
ତୋହରି ସାଂଗର ମଣିଆମାଉସୀ, ଚେମିବୋଉ
ଆଉ ଆର ସାହି ଅପା ମନ୍ଦାର
ଚମ ଧୁଡ଼୍ ଧୁଡ଼୍, ଦାନ୍ତ ଖସିଲଣି
ବାଳ ସବୁ ତାଙ୍କ ଧୋବ
କି ମନ୍ତ୍ର ଶିଖିଛୁ, କଅଣ ଖାଉଛୁ
କହ ପାଇଛୁ ତୁ କାହା ପରଭବ ।

ତୋହ ଗୁଣ ପାଇଁ ତେଲ ଲୁଣର ତୋ
ଛୋଟିଆ ସଂସାର ହସେ
ଧନଧାନ୍ୟଭରା ତାଙ୍କରି ସଂସାରେ
କହ କାହା ପାଇଁ
ହତାଶାର ହାଓ୍ୱା ପଶେ ?

କାନିବଂଧା ଗୁବି ଲେଂଥାକୁ ହଲେଇ
କହଇ ମାଉସୀ ସୁଲ,
ମନ୍ତ୍ର ଯନ୍ତ୍ର ମୁହିଁ କିଛି ଜାଣି ନାହିଁ,
ସଂସାରଟା ଦିଶେ ଭଲ,
ଶାଗ ପଖାଳରେ ମୋ ଦିନ କଟଇ
ଖିରୀ ପୁରି ମତେ ସ୍ୱପ୍ନ
ଉପରେ ନ ଗ୍ୱହିଁ ତଳକୁ ଗ୍ୱହେଁ ମୁଁ
ଶାନ୍ତିରେ କଟାଇ ଦିନ ।

Digitized by PPRACHIN, SOA

ଏ ସୁନ୍ଦର ଓଠ, ଦାନ୍ତ ପାଟି ମୋର
କେବଳ ସତ୍ୟର ଦାସ
ମିଛଠୁ ଏମାନେ ଦୂରେ ବହୁ ଦୂରେ
କୃପା କର ଜଗଦୀଶ,
ସୁନ୍ଦର ସ୍ୱର ଦେଇଛନ୍ତି ପ୍ରଭୁ
କରେ ତାଙ୍କ ଗୁଣ ଗାନ
ବିଭୁ ଗୁଣ ନାମ ସର୍ବଦା ମୋ ସ୍ୱର
କରୁଥାଏ ଉତ୍ତୋଳନ ।

ଏତେ ସୁନ୍ଦର ମୋ ହାତର ପାପୁଲି
ପାଞ୍ଚଟି ଆଂଗୁଠି ଥାଇ,
ଶକ୍ତି ପାଇଁକି ମୁଠା ଶକ୍ତ କରେ
ବଳ ଦିଅ କହି ସାଇଁ ।

ଦୁଃଖୀ ରଙ୍କୀ ପାଇଁ ଖୋଲ ଏଇ ହାତ
ଶକ୍ତି ଅନୁସାରେ ଢାଳେ
ଦୟାର ସାଗର ଦେଇଛନ୍ତି ହାତ
ଦାନ କର୍ମ ପାଇଁ ଖୋଲେ ।

ଲମ୍ବା ଲମ୍ବା ମୋର ବିସ୍ତାରିତ ଆଖି
ଦେଇଛନ୍ତି ଚକାଡୋଳା
ସବୁର ସୁଗୁଣ ଦେଖେ ଏ ଆଖିରେ
ଦୟାର ଆଦ୍ରର୍ତା ବୋଳା ।

ଲମ୍ବା ଲମ୍ବା କାନ ରଖିଛନ୍ତି ପ୍ରଭୁ
ଶୁଣିବାକୁ ତାଙ୍କ ଗାନ
ଦୁନିଆର ସବୁ ଭଲକଥା ଶୁଣେ
ଅନ୍ୟରେ ବଧିର ଜାଣ,

Digitized by PPRACHIN, SOA

ସୁନ୍ଦର ଚେହେରା, ଲମ୍ବା ଏ ସୁମୂର୍ତ୍ତି
ମୋ କଥା ସିଧା ସଳଖ
ଅଙ୍କା ବଙ୍କା କଥା ପଡ଼ିଲେ ମୋ କାନେ
ପଖାଳିଦିଏ ମୋ ନଖ ।

ସୁନ୍ଦର ମସ୍ତିଷ୍କ, ସ୍ମୃତି ଶକ୍ତି ସବୁ
ଲଗାଏ ଦେଶର ଭଲେ,
ଗୁଣ୍ଡୁଚି ମୂଷା ମୁଁ, ଏ ଦେଶର ସେତୁ
ବାଂଧିବାକୁ ମନ ବଳେ ।

ଦେଇଛନ୍ତି ପ୍ରଭୁ ଏ ହୃଦୟ ମୋର
ତାଙ୍କରି ପ୍ରେମରେ ଭରା
ଦୁନିଆକୁ ମୁହିଁ ପ୍ରେମରେ ଦେଖଇ
ହୃଦୟରେ ଭରା ପ୍ରେମପଶରା ।

ହସିଲା ମନିଆ ପାଇଗଲା ଯହୁଁ ସୁଲମାଉସୀର
ଗୋପନ ଶରୀର ଗ୍ରବି
ସଭିଙ୍କ ପାଇଁ ଏ ସଳଖ ପଥରେ ଭସେ
ସୁଲମାଉସୀର ଛବି ।

●

Digitized by PPRACHIN, SOA

॥ ବସନ୍ତ; ସ୍ୱପ୍ନ ଓ ବାସ୍ତବ ॥

ସ୍ୱପ୍ନ ଓ ବାସ୍ତବ
କଲ ତୁମେ ଏକ୍ଜୁଟ
ହେ ଋତୁରାଜ
ତୁମେ ନୁହଁ ଅଣନେଉଟା
ଗୁଳୁଣା ରଥ
ତୁମେ ଏକ ଇଙ୍ଗେଲ
କଳାକାରର ଅଫୁରନ୍ତ ସ୍ୱର୍ଣ୍ଣ
ରଂଗୀନ ପ୍ରକୃତି
ସ୍ୱଚ୍ଛ ନୀରରଶ୍ମିରେ
ଉର୍ଦ୍ଧ୍ୱ ମାରେ......
କ୍ଷୁଧାର୍ତ୍ତ ଶ୍ରାବଣ
ତୁମର ମଧୁସାର
ତୁମକୁ ଉପଭୋଗ କରିବାକୁ ମାନବର
ଆଦିମ ପ୍ରବୃତ୍ତି; ପ୍ରାଣଭରା ଉନ୍ମାଦନା ନେଇ
ମାଘ ଶୀତ ଅପସରି ଯାଏ
ଦୁଃଖ, ଯନ୍ତ୍ରଣା ଦାନବକୁ ଭୁଲି
ଏ ମାନବ, କରେ ତୁମ ଆମନ୍ତ୍ରଣ ।

ତୁମ ସଂଧ୍ୟା ଅପାଶୋଗ, ଶାନ୍ତ ସ୍ନିଗ୍ଧ ଭରା
ବେପଥୁର ସୃଷ୍ଟିକର୍ତ୍ତା ହେ ବସନ୍ତ,
ସତେ କଣ ତୁମ ସୁଷମାରେ
ପଥହରା ଏ ମାନବ

Digitized by PPRACHIN, SOA

କାହିଁ ସେମାନଙ୍କ ଆତ୍ମସତ୍ତା ?
ଏ ସୁଷମା
ଆଜି ପାଣ୍ଡୁର, ମ୍ଳାନ ଓ ନିଷ୍ପ୍ରାଣ
ଧରିତ୍ରୀର ଚିକ୍ ଚିକ୍ କରୁଥିବା
ଚକ୍ଷୁ ଦୁଇଟିରେ ବିପ୍ଳବର ସ୍ଫୁଲିଙ୍ଗ
ଅଛି......
ରଙ୍ଗୀନ ପୂର୍ଣ୍ଣିମା-କୁହୁଡ଼ି ସ୍ନାତ
ଅସହାୟ ପୁଷ୍ପରାଶି
ମଧୁପର ଜଠର କରଇ ଚିତ୍କାର
ତୁମେ ଆସ ଆସୁଥିବ
ଗଳିଯିବା ପାଇଁ
ଜନ୍ମ ଜନ୍ମାନ୍ତର ବାର୍ତ୍ତା ନେଇ
ଅନ୍ଧାର ଆଲୋକରେ,
ଏ ମାନବ ବଂଚିବ
ଯନ୍ତ୍ରଣାରେ ।

Digitized by PPRACHIN, SOA

।। ସ୍ରଷ୍ଟା ମୁଁ ଯେ ଅନେକ ସୃଷ୍ଟିର ! ।।

ସ୍ରଷ୍ଟା ମୁଁ ଯେ ଅନେକ ସୃଷ୍ଟିର
କବି ମୁଁ ଯେ ଅନେକ କାବ୍ୟର
ଜ୍ୟୋତି ମୁଁ ଯେ ଅନେକ ସୂର୍ଯ୍ୟର
ରଙ୍ଗ ମୋର ଅନେକ ଇନ୍ଦ୍ରଧନୁର
ଆଉ...
ସ୍ୱର ମୋର ଅନେକ କାକଳିର
ବିସ୍ତୃତି ମୋର ଅନେକ ମହାକାଶର
ଛଳନା ମୋର ଅନେକ ଇନ୍ଦ୍ରଜାଲର
ବଂଧନ ମୋର ଅନେକ ନାଗପାଶର
ତେବେ ?
କାହିଁକି ମୋ ଭିତର କୁହୁଳି କୁହୁଳି
ବାହୁନି ବୁଲୁଚି ଖାଲି ମରିଚିକା ମେଳେ
ଖୋଜି ଖୋଜି ଅନେକ ବ୍ୟାସାର୍ଦ୍ଧ, ବଂଧନୀ
ମେରୁ, ମରୁତୀର୍ଥ ଆଉ ଅଥଳ ସାଗରେ ?
ସମ୍ମୁଖେ ମୋ ଏ ବିରାଟ ପ୍ରଶ୍ନବାଚୀ...
ଅଭେଦ୍ୟ ପ୍ରାଚୀର...
ପଛରେ ଭ୍ରୁକୁଟୀ ଠାରି ଅଟ୍ଟହାସ୍ୟେ
ଡାକେ ଖାଲି ଅସ୍ତସୂର୍ଯ୍ୟ
ଶରୀର ମୋ କ୍ଳାନ୍ତ ଶ୍ରାନ୍ତ ଅବଶ ନିଥର
ମନ ମୋର ଜଡ଼ ପାଇଟିଛି
ତଥାପି ପ୍ରଚେଷ୍ଟା ମୋର ଲଂଘିବାକୁ
ବିରାଟ ସେ ଅଲଂଘ୍ୟ ପ୍ରାଚୀର ।

Digitized by PPRACHIN, SOA

ଏ କ'ଣ ?

ମୋ ଦେହରୁ ଜନମିଲା ଦୀର୍ଘ ଏକ ଛାୟା
କ୍ଷଣକେ ଲଙ୍ଘିଲା ଛାୟା ସେ ଅଲଂଘ୍ୟ ଅଭେଦ୍ୟ ପ୍ରାଚୀର ।
ପ୍ରାଚୀରେ ଆରପାରେ,
ଦୃଶ୍ୟସବୁ ସାଉଁଟିବା ଆଗୁ
ଅସ୍ତସୂର୍ଯ୍ୟ ଲୁଚିଗଲେ କରି ମତେ ଏକାନ୍ତ ଛେଉଣ୍ଡ
ମୁଁ ଖୋଜୁଛି ଅଣ୍ଡାଳି, ଅଣ୍ଡାଳି
ଅଂଧକାର ମଧ୍ୟେ......
ଏକାକିନୀ ବାହୁନି ବାହୁନି
ଜୀବନର ଏକାନ୍ତ ନିଜର
ଛାୟାଟିକୁ ମୋର......

ଧେଉଁ ଏକ ବିଦ୍ୟୁତ ଚମକେ
ମନ ମୋର ପ୍ରକମ୍ପିତ ହେଲା
ଲେଉଟାଇ ଅତୀତ ପୃଷ୍ଠାକୁ
ଫିଙ୍ଗିଲି ସେ ଜଳବେଣୀ ପରେ
ଓଃ.........
ଏ କ'ଣ ?
ଅତିପ୍ରିୟ ସେ ଅତୀତ
ରଂଗଭରା ସ୍ମୃତି ସବୁ
ଅଟ୍ଟହାସ୍ୟେ କରୁଛନ୍ତି ଏକାନ୍ତେ ବିଦ୍ରୂପ ।

Digitized by PPRACHIN, SOA

।। ପଦେ ମାତ୍ର ।।

ଆଶା ଆଉ ଆକାଙ୍କ୍ଷାର ପବନରେ ସଖୀ
ନିର୍ଭୀକରେ ଉଡ଼ୁଅଛି ଜୀବନର ଗୁଡ଼ି
ଜାଣିଛି ଯଦିବା ତାହା
ନୀତି ଆଉ ନିୟମର
ଟାଣୁଆ ସୂତାରେ
ଆକାଶର କାମନା ବୀତଂସ ବୁକେ
ଥରେ କେବେ ଗଲେ ଯିବ ଛିଡ଼ି !
ଛିଡ଼ିଯିବ ସଖୀ ଯେବେ ତାହା
ଆକାଶ ବୁକୁରେ ଖେଳୁ
ନିଷ୍ପନ୍ଦ କେତେ ପଦ ଆହା ।

Digitized by PPRACHIN, SOA

।। ବିଷୁବର ଆବାହନ ।।

ପବିତ୍ର ଏ ପ୍ରଶାନ୍ତ ବିଷୁବ
ସ୍ମୃତିର ଗର୍ଭେ ଭରି
ମୁଠା ମୁଠା ତତ୍ତ୍ୱ ଆଉ ପ୍ରାଣର ସାନ୍ତ୍ୱନା
ଗଣି ଗଣି ଆନନ୍ଦର କେତେ କୃଷ୍ଣଚୂଡ଼ା
ବୈଜ୍ଞାନିକ ଦୃଷ୍ଟିକୋଣ ଆଦିମ ଯୁଗରୁ
ଲିତା ଓ ବିଲିତା
ସମଦିବା ଆଦିତ୍ୟଙ୍କ ପ୍ରଖର ପ୍ରତିଭା
ପ୍ରପାନକ ନୈବେଦ୍ୟ ଛଳରେ
ସ୍ୱାସ୍ଥ୍ୟନୀତି କରି ନିୟନ୍ତ୍ରଣ
ସୃଷ୍ଟିର ମୂଳାଧାର ସଭ୍ୟତାର ପ୍ରତୀକ ବିଷୁବ
କବିଙ୍କର କବିତା ମନ୍ତ୍ରରେ
ଆସିଛି ଏ ଶୁଭ ନବବର୍ଷ
ଆନନ୍ଦର ଆବାହନ ଗୀତି
ହାତେ ଧରି ପୂଜାର ନୈବେଦ୍ୟ
ଅମୃତର ସମାଧି ଉପରେ

ପୁଷ୍ପତୋଡ଼ା ମାଳ ମାଳ
ବିଦେଶୀ ଅତର ଗନ୍ଧ
ଇନ୍ଦ୍ରଧନୁ ସୁଧୀ ସମାବେଶ
ବିହ୍ୱଳିତ ଚକ୍ଷୁଙ୍କର ଅପୂର୍ବ ଝଲକ—
ଅଭିଜ୍ଞତା, ଅନୁଭୂତି ମେଳା ମେଳା
ଅତୀତର ଯେତେ ସ୍ମୃତି ଛିନ୍ନ ଇତିହାସ
ପ୍ରାଚୁର୍ଯ୍ୟର ଆଶା ଅଗ୍ନିଶିଖା

Digitized by PPRACHIN, SOA

ଦୁଃଖାଗ୍ନିକୁ ସମାଧିସ୍ଥ କରିବାର ଆପ୍ରାଣ ପ୍ରଚେଷ୍ଟା
ପୁଣ୍ୟର ଢାଙ୍କୁଣୀ ତଳେ
ପାପ ସବୁ ବିଷାଦର ବତି ଜାଳେ
ଚଉପାଶେ ଧୂମର କୁହୁଡ଼ି
ଖ୍ୟାତିର ଅହଙ୍କାରରେ ବିସ୍ମୃତ ମାନବ
ଶାଳୀନତା ସବୁ ଆଜି ଭ୍ରୁଗ୍‌ଣ
ଚତୁର୍ଦ୍ଦିଗେ ଦୁର୍ନୀତିର ତପ୍ତ ଦୀର୍ଘଶ୍ୱାସ
ମାନବତ୍ୱ ଆତ୍ମହତ୍ୟା କରେ ।
ଅଶରୀରୀ ଖୋଜି ବୁଲେ
ଦୁଃଖତତ୍ତ୍ୱ, ସୃଷ୍ଟିତତ୍ତ୍ୱ ଆଉ ପରିତ୍ରାଣ ।

ସୃଷ୍ଟିର ସୌନ୍ଦର୍ଯ୍ୟ ସବୁ ରକ୍ଷାପାଇଁ
ବଂଚି ରହୁ, ବଂଚି ରହୁ
ମାନବ ସମାଜ
ସୂର୍ଯ୍ୟ ଆଉ ସଂଜ୍ଞାଙ୍କର ଏ ମହାମିଳନ
ସାମାଜିକ ଭ୍ରଷ୍ଟାଗ୍ନିର କଳଙ୍କକୁ ପୋଛି
ସାଗରର ବୁକୁ ଚିରି ଆସୁଛି, ଆସିବ ।

Digitized by PPRACHIN, SOA

।। ଝରାଫୁଲ ।।

ସୃଷ୍ଟି ଯେବେ ହୁଅଇ ସାର୍ଥକ
ସ୍ରଷ୍ଟାର ସେ ଅମୃତ ମୁହୂର୍ତ୍ତେ
ବଂଚିବାର ନିଶା ଆସେ
ଧୀରେ ଧୀରେ
ଝିମେଇ ଝିମେଇ ।

ଫୁଲରୁ ମହକ ଛୁଟେ
ଭ୍ରମର ତା ରସ ଚୁମିଯାଏ
ଜୀବନର ଅନ୍ଧକାରେ
ଅତୀତକୁ ସାକ୍ଷୀରଖି
ଫୁଲ ଖାଲି ଫୁଟି ଝରିଯାଏ ।

ଭ୍ରମରଟା ପୁଣି ଆସେ
ଫୁଲରୁ ଫୁଲରେ ବସେ
କଳିସବୁ ଅସ୍ତବ୍ୟସ୍ତ ହୁଏ
କାଲିର ସକାଳପାଇଁ, ଯାଗତିକା ଗାଇ
ପ୍ରଭାତକୁ ପ୍ରଣତୀ ଜଣାନ୍ତି ।

ଫୁଟାଫୁଲ ତୃପ୍ତ ହୁଏ
ବେପଥୁ ରାଗିଣୀ ଛୁଟେ
କାକତାଳେ
ଅଳିର ଅଳୀକ ପ୍ରେମେ
ଜୀବନର ସ୍ୱରଲିପି ନେଇ

Digitized by PPRACHIN, SOA

ଝଗଫୁଲ ସବୁ ଦେଖେ
ଶୁଖିଲା ତା ପାଖୁଡ଼ା ଆଖିରେ
ନିଜକୁ ସେ ଖୋଜି ବସେ
ଇତଃସ୍ତତ, ପାଖୁଡ଼ା ମେଳରେ
ବୃନ୍ତଚ୍ୟୁତ କେଉଁ ଏକ ଅତୀତ କୋଳରେ
ଖୋଜି ଖୋଜି ଏକାନ୍ତ କ୍ଲାନ୍ତରେ
ମର୍ମେ ମର୍ମେ ଜଳି ଜଳି
ନିଜକୁ ହଜାଇଦିଏ
କେଉଁ ଏକ ଅବାଂଛିତ ବତାସୀ ପବନେ
ପାଖୁଡ଼ାର ମର୍ମର ଶବ୍ଦରେ ।

ଝଗଫୁଲ ତେଣୁ ଇଚ୍ଛେ
ରହିବାକୁ ଅଦେଖା ଅଜଣା
ଶିରୀହୀନ ପାଖୁଡ଼ାର ମର୍ମର ସ୍ୱନରେ ।
ଗାଇବୁଲେ ବନାନୀର ବତାସୀ ଅୟନେ
ମୃତ୍ୟୁରେ ମୋ ନ କାନ୍ଦିବେ କେହି ଉଚ୍ଚସ୍ୱରେ ।

ଧଗବକ୍ଷୁ ନେଲେ ମୁହିଁ ବିଦାୟ-କାମନା
ସ୍ମୃତି ସୌଧ ନ ତୋଳିବେ କେହି
ମୋ ପାଖୁଡ଼ା କବର ଉପରେ ।

●

Digitized by PPRACHIN, SOA

।। ହାତ ସବୁ ବିଭିନ୍ନ ରଙ୍ଗର ।।

ହାତ ସବୁ ବିଭିନ୍ନ ରଙ୍ଗର
ବିଭିନ୍ନ ଢଙ୍ଗର
ସ୍ୱାର୍ଥ ଆଉ ନିଃସ୍ୱାର୍ଥର ସମ୍ମିଶ୍ରଣ
ପାପ ପୁଣ୍ୟର ଫେଣ୍ଟାଫେଣ୍ଟି
ଏ ଅଜବ ସଂସାର, କାଳର ଛାୟା ମାତ୍ର
ନବ ଜାତକର କୁଆଁ କୁଆଁ ରବ
ହାତ ଟେକି ଜଣେଇଲା, ଏ ଜନ୍ମ ଜିନ୍ଦାବାଦ !
ଏ ମୃତ୍ୟୁ ଜିନ୍ଦାବାଦ
ସମୟର ପାହାଚରେ ଚଢ଼ି
ଗୁରୁଣ୍ଡିଲା
କୁନି କୁନି ହାତ ପାପୁଲିରେ ।

ସମୟର ସ୍ରୋତେ
ବଂଧୁତ୍ୱର ହାତସବୁ ବେଢ଼ିଗଲେ
ପିଂପୁଡ଼ିଙ୍କ ଧାର ପରି
ସତ ଅସତର ଅମାପ ଛଳନା
କୁମ୍ଭାରଶାଳର କଂଘମାଟି ସବୁ
ବାଛି ନେଲେ, ଗଢ଼ିଗଲେ କିଏ କେତେ
ରୂପ ଆଉ ଅରୂପ ଛାଂଚରେ
ଅନ୍ୟାୟ ବିରୁଦ୍ଧେ ବିପ୍ଳବର ପନ୍ଥା, ପୁଣି
କର୍ତ୍ତାଙ୍କ ପାଖରେ ଅନୁଜ୍ଞା ।

Digitized by PPRACHIN, SOA

ବସଷ୍ଟାଣ୍ଡରେ, ରେଲ ପ୍ଲାଟଫର୍ମରେ
କାଛୁ କୁଣ୍ଡିଆଭଗ ଅପୁଷ୍ଟିର ଚେମେଡ଼ା କୁନିହାତ
ସବୁ ଲମ୍ବିଯାଏ କିଛିର ଅନ୍ୱେଷଣରେ,
ଯାହାର ସମାପ୍ତି ନାହିଁ ।

ଟଫି ଚକୋଲେଟ ପରିତ୍ୟକ୍ତ ଜରି ଚୁମ୍ବନରେ
ଚିନାବାଦାମ ଗ୍ରେପାକ୍ସ ପଗ୍ନ ମଂଜି ସାଉଁଟିବାରେ
ଜୋତା ଚଟି ପାଲିସ ଅନ୍ୱେଷଣରେ
ସେଇ ହାତ......
ପୁନଶ୍ଚ ସଭ୍ୟ ସଭ୍ୟାଙ୍କ ପଦପଙ୍କଜ ସ୍ପର୍ଶ କାତରରେ ।

ସାହାଯ୍ୟ ସେବାର ହାତ
ଧରିଥିଲା ଭଙ୍ଗା ଟିଣ, ଆଲ୍‌ମୁନିୟମ୍ ବାଟି
ଅଂଧ ବାପ ମା'ଙ୍କର ଆଶାର ବାଡ଼ି
କଢ଼ଉଥିଲା ଅମଡ଼ା ବାଟ
ନିର୍ମମ ଯନ୍ତ୍ରଣାରେ ।

ଅନ୍ୟ ପଥରେ ନିଖୁଣ ଅଭିନୟ
ମୁଠା ମୁଠା ଛଳନା, କ୍ରୂରତା
ଜୀବନର ଆଭିମୁଖ୍ୟ ଅସତ ଅର୍ଥ
ଅଂଧ ପାପଭଗ ଡକାୟତର ନିଷ୍ଠୁର ହାତ
ଧରିଥିଲା ମାରଣାସ୍ତ୍ର, ସ୍ପ୍ରିଙ୍ଗ ଛୁରୀ
କାହାକୁ ସର୍ବହରା କରିବାର ଶପଥ ନେଇ ।

ନିଶାଗ୍ରସ୍ତ ସମାଜର ଗଳଗ୍ରହ ପାପ ହାତ
ଧର୍ଷଣ କରିଥିଲା କେଉଁ ନିଷ୍ପାପ ନାରୀକୁ
ଯାଦୁକରର ହାତସଫେଇ
କରିଥିଲା ଆଚମ୍ବିତ ଦର୍ଶକମଣ୍ଡଳୀ
ଏଇ ହାତ, ଏଇ ଚେଷ୍ଟା

Digitized by PPRACHIN, SOA

ଜିଜ୍ଞାସା, ଅନୁସନ୍ଧିତ୍ସା, ଅବିଶ୍ରାନ୍ତ କର୍ମରତ ହାତ ଦୁଇ
ଆବିଷ୍କାର କଲା ଯେତେ ବିଜ୍ଞାନର
ବିଜୟ ଚନ୍ଦ୍ରିକା...
ଆଚର୍ମିତ କରମତି ସବୁ
ବିଜ୍ଞାନର ଜୟଯାତ୍ରା
ମାନବର ଜୟ ଜୟକାର ।

ପୁନଶ୍ଚ...
ମାଆର ସୁକୋମଳ ସ୍ନେହବୋଳା ହାତ
ଯନ୍ତ୍ରଣାଭରା ଜୀବନ
ଖୋଜିବୁଲେ ସନ୍ତାନଙ୍କ ଅନ୍ତର ବେଦନା ।

ସବୁ ପରି...
ଏ ବିଶ୍ୱ ଆଖିରେ ଆଜି ଅଜସ୍ର ଜିଜ୍ଞାସା
ଚକାଡୋଳା, ଚକା ଆଖି
ହାତ ଦୁଇ ଫିଙ୍ଗିଦେଇ ବିଶ୍ୱ ମାନବଙ୍କୁ
ଭରିଦେଉ ବିଶ୍ୱବାସୀମାନଙ୍କର ହାତ
ଅପୂର୍ବ ଜ୍ୟୋତିରେ ।

Digitized by PPRACHIN, SOA

।। କୁମାର ପୂର୍ଣ୍ଣିମା ।।

ପୁଣ୍ୟ ଏଇ ଉତ୍କଳ ଭୂମି
ଏ ଜାତିର ଚିନ୍ତାଧାରା, ସଂସ୍କୃତି ସଭ୍ୟତା
ପୁରାତନ ସଂସ୍କୃତିର ଛାପ
ଲିଭିନାହିଁ, ଲିଭିବନି ଏ ଜାତି ଆକାଶୁ
ଆଧୁନିକ ପ୍ଲାଷ୍ଟିକ ଓ ନାଇଲନ୍ ଧାର
ପୋଛିନି କି ପୋଛିବନି
ପୁରାତନ ସଂସ୍କୃତିର ସ୍ୱକୀୟ ସଙ୍କେତ ।

କାକଟଧ୍ ବଗିଗ୍ଦ ମଧ୍ୟେ
ତୁଳସୀ ଚଉରା
ସଂଜବତୀ, ଶୁଭ୍ରଶଂଖ
ଠୋ ଠା ଜହ୍ନିଫୁଲ, କାକୁଡ଼ିର ଫୁଲ
ମେଳା ମେଳା ନିଷ୍ପାପ ଗ୍ରହାଣୀ
ହସ ଖୁସି ଗ୍ରଙ୍ଗୁଡ଼ା ଗ୍ରଙ୍ଗୁଡ଼ା
କାକର, ଆରିସା, ମଣ୍ଡା ଗ୍ନଦର ଗ୍ରତୁରୀ
ନାଲି, ନୀଳ ହଳଦିଆ, ସବୁଜର ମେଳା
ଚିକ୍ ମିକ୍ ଶାଢ଼ୀ, କୁର୍ତା, ପୋଷାକର
କେତେ ପ୍ରଦର୍ଶନୀ ।

ମହ ମହ ଅଗୁରୁ ଚନ୍ଦନ
ବିଭିନ୍ନ ବାସ୍ନାର କେତେ ଦେଶୀ ଆଉ ବିଦେଶୀ ଅତର
କୁଂକୁମ, ଚନ୍ଦନପାଟି, ଅଳତାରେ କଳାର ଗ୍ରତୁରୀ
ଆଧୁନିକ ଶସ୍ତା ଗୀତ, ପଲ୍ଲୀଗୀତ
କର୍ମ ଉଠେ ମାଇକ୍ ମାଧ୍ୟମେ

Digitized by PPRACHIN, SOA

ପଲ୍ଲୀବାଲା ସ୍ମରଦିଏ ସେଦିନର
ସ୍ମୃତିର ସେ ସଫେଦ ପର୍ଦାରେ
"କୁଆଁର ପୁନେଇ ଜହ୍ନ ଗୋ ଫୁଲ ବଉଳବେଣୀ"
ଆଙ୍କିଯାଏ ଛକିପକା, ପଞ୍ଚା
କଉଡ଼ି ଓ ତାସ୍ ପାଲି—
ମେଳା ମେଳା ଝିଅ ବୋହୂ
ଜହ୍ନିଫୁଲ କୋଠୀର ମହଲ
ସଂଗାତ, ମଇତ୍ର, ଗ୍ୟନ୍ଦ, ଗଙ୍ଗାମୁଗ
ବଂଧୁତ୍ୱ ବନ୍ଧନ ।

ଶରତର ବିଦାୟ ଉତ୍ସବ
ସୌଭଗ୍ୟ ସୌନ୍ଦର୍ଯ୍ୟଭରା ଲକ୍ଷ୍ମୀ ଆରାଧନା
ପଶାଖେଳ, ରାତ୍ରି ଉଜାଗର
ଏ ଜୀବନ, ଏ ବଂଚିବା ପଶାଖେଳ
ତଥାପି...
ଏ ହାର ଜିତ୍ ହସାଉ, କନ୍ଦାଉ
ବୟସର ତାରତମ୍ୟ ଭୁଲି
ଉଠା ପଡ଼ା ଦୁନିଆରେ ଉତ୍କଳର କୁଆଁରୀ କଳିକା
ବଂଚାଇଛି ଭଦଧାରା, ସତ୍ୟନୀତି,
ସଂସ୍କୃତି ଓ ଆଧ୍ୟାତ୍ମବାଦ
ଉଚ୍ଛୁଳି ଉଠୁଛି ଆଜି ଗଗନେ ପବନେ
ବାତ୍ସଲ୍ୟର ପ୍ରସାରିତ ବାହୁ
ସୌହାର୍ଦ୍ଦ୍ୟର ଅନାବିଳ ପ୍ରେମ
ଚୁମ୍ବକର ଶକ୍ତି ଓ ସାମର୍ଥ୍ୟ
ବଂଚାଉ ଐତିହ୍ୟ ଆମ
ଲୋକଗୀତ, ପୁଚିଖେଳ, ଜହ୍ନିଓଷା ପୂଜାବିଧି
ହାସ୍ୟଭରା ମୁଠା ମୁଠା
ଆମୋଦ ପ୍ରମୋଦ

●

Digitized by PPRACHIN, SOA

॥ ରଜ ॥

ଜ୍ୟୈଷ୍ଠର ଆକାଶେ
ବର୍ଷା ସବୁ ଝାକିଝୁକି ବଉଦରେ ଭସେ
ସାଇଁ ସାଇଁ ଉରଷ୍ଠ ଝନ୍‌ଝା
ଥମିଯାଏ...
ରଜପର୍ବ ମହକାଏ ଆମ ସାରା ଗାଁଆ ।

ସୂର୍ଯ୍ୟ ସ୍ଥିତି, ଆର୍ଦ୍ରା ପୂର୍ବ
ମୃଗଶିର ନକ୍ଷତ୍ର ମଧ୍ୟରେ
ଗୁଣ୍ଡାଳୀ, ବ୍ରହ୍ମଘାତିନୀ ରଜକୀ ରୂପରେ
ଓଢ଼ଣା ଭିତରେ ଯେତେ କୁଳବଧୂ ଲାଜ
ତାକୁ ଧରି ବରଷକେ ଥରେ ଆସେ ରଜ
ସାଥେ ନେଇ ନୂଆ ସଜବାଜ ।

ଭବିତବ୍ୟ ଆଲୋକରେ କେତେ ସ୍ନେହ, କେତେ ପ୍ରେମ
ବସଷ୍ଟାଣ୍ଡ, ରେଳଗାଡ଼ି ଅପେକ୍ଷାର ତୃଷ୍ଣା
ଚଉପାଶେ ମେଳା ମଉଛବ
ପିଠାପଣା ଦିଆନିଆ
ପାନର ପସରା ମେଳ ଛୁଆଙ୍କ ମେଳରେ
ଘରେ ଘରେ ଦୋଳି ରଟ ରଟ
ଗାଁ ଦାଣ୍ଡ ପଡ଼େ ଉଠେ ବାଗୁଡ଼ି ଖେଳରେ ।

ଫୁଟିଯାଏ ଦାମୀ ହସ, ଦାମୀ ପରିଚୟ
ଗୋରା ଦେହେ ହଳଦୀ ଚମକ

Digitized by PPRACHIN, SOA

ଅଳଙ୍କାର ଭରା ଅଂଗେ
ଚଢ଼ିଙ୍କ ଗହଳି
କପାଳେ ଚନ୍ଦନ ପାଟି
କୁନି କୁନି ପାଦସବୁ ନାଚି ଉଠେ
ଅଳତାର କମକୁଟ ମଧ୍ୟେ ।
ଧାଡ଼ି ଧାଡ଼ି ପାଦ ଆଭରଣ
ଗୁଆଖୋଳ କଦଳୀ ପଟୁର ।

କମକୁଟା, ଫୁଲପକା ବାଳେଶରୀ ସପ
ପୋଡ଼ପିଠା, ଚୁଡ଼ା, ମୁଢ଼ି, ପାନତାଲ
ନିଖୁଣ ଚିତ୍ର ଦିଏ
ଉତ୍କଳୀୟ ସଂସ୍କୃତିର ସେଇ ରଙ୍ଗଘର
କେତେ ଆଶା, କେତେ କଥା ତାହାରି ଭିତରେ ।
ଏ ସଂସ୍କୃତି ବାନ୍ଧି ଦିଏ
ତିନିଦିନ ବନ୍ଦର ଡାକରା
ଶ୍ରମିକର କାମ ବନ୍ଦ, କଟା ବଟା ବନ୍ଦ
ସକାଳର ଚୁଡ଼ାଢ଼ିଙ୍କି ପାହାର ବି ବନ୍ଦ
ବର୍ଷ ସାରା କର୍ମରତ, ଗଂଜଣାରେ ଜର୍ଜରିତ
ଶାଶୂ, ବୋହୂ, ପୁଅ, ଝିଅ, ପରିବାର ଯେତେ
ଅନାବିଳ ଆଖି ନେଇ
ସପନର କୁହୁଡ଼ିରେ ପହଁରି ଭସନ୍ତି
ଭୂମିକୁ ସମ୍ମାନ ଦେଇ
ଅପୂର୍ବ ସେ ଚେତନା ପ୍ରକାଶ
ମା ମାଟି ଚିରପୂଜ୍ୟା
ଯଥା ପିଣ୍ଡେ
ତଥା ଏ ବ୍ରହ୍ମାଣ୍ଡେ ।

●

Digitized by PPRACHIN, SOA

।। ସୁଧା ସଂଧାନୀ ।।

ହେ ସୁଧା ସଂଧାନୀ
ଉତ୍କଳର ବରପୁତ୍ର
ସାହିତ୍ୟ ଓ ଗବେଷଣା କ୍ଷେତ୍ରେ
ଅରଜିଲ ଅମାପ କୃତିତ୍ୱ ।
ଆଜିର ଏ ସଂଧ୍ୟା
ସ୍ମୃତିର ମଧୁଭରା, ପ୍ରତିଭାର ପୂଜା
ଜିଜ୍ଞାସାର ତୃଷ୍ଣାଭରି ଆହେ ଗବେଷକ
ଦୂରେ ଫିଙ୍ଗି ପ୍ରତିପତ୍ତି, ଐଶ୍ୱର୍ଯ୍ୟର
ଅହଙ୍କାର, ପାର୍ଥିବ କ୍ଷମତା
ପ୍ରାଣେ ଭରି ଅଗଣିତ ଚିନ୍ତା ଓ ଚେତନା
ଅନେକ ଝଂଝାଳ ମଧ୍ୟେ
ଦେଖୁଥିଲ ପାଷାଣର ସ୍ୱପ୍ନ
ସେ ସ୍ୱପ୍ନକୁ ସତ୍ୟ କଲ
ଶିଳାବକ୍ଷେ, ସୁଖୋଦିତ ଅତୀତର
ଇତିହାସ କରି ପରିଚିତ ।

ଗବେଷଣା ହର୍ମ୍ମ୍ୟ ଭିତ୍ତି
କରିଲ ସୁଦୃଢ଼
ଅଜ୍ଞାତ ଶିଳାକୁ ତୁମେ
ଦେଲ କେତେ ଜ୍ଞାନ ରୂପରେଖ
ଦେଖାଇଲ, ଚିହ୍ନାଇଲ ସମାଜକୁ ଆମ
ସବୁ ଶିଳା, ଶିଳା ନୁହେଁ

Digitized by PPRACHIN, SOA

ସିଏ ଆମ ପ୍ରିୟ ଜାତି ଇତିହାସ
ଜୀବନର ବାସ୍ତବତା ଫୁଟାଇଲ
ବ୍ୟକ୍ତିଗତ ଗବେଷଣାଗାରେ
କାହିଁ କେତେ କୀଟ ଦଂଷ୍ଟ
ପୋଥି, ଇଥିପତ୍ରର ମଧ୍ୟନ୍ତୁ
ତୁମ ନିଷ୍ଠା, ତୁମ ଚେଷ୍ଟା
ଦେଲ ବହୁ ତଥ୍ୟ ।

ପୋଥିର ସେ ଇତିହାସ, ପୁରଣ ସହିତା
ଅତୀତର ଚିନ୍ତାଧାର କଲ ବିସ୍ତାରିତ ।
ହେ ଗାର୍ଣ୍ଣିକ, ହେ ସାଧକ
ସୁଧାର ଭଣ୍ଡାର ।
ତୁମ କୃତୀ ବଂଚିଛି, ବଂଚିବ
ସୌନ୍ଦର୍ଯ୍ୟ ଓ ସ୍ମୃତି ଧାର
ପ୍ରତିଭ୍ଭ ପୂଜକ ହାତେ
ଶତାବ୍ଦୀ ଶତାବ୍ଦୀ ଧରି
ପ୍ରତିଭରେ ରଙ୍ଗ ଦେଉଥିବ । *

●

---

* ସାହିତ୍ୟିକ ତଥା ଗବେଷକ
ସୁଧାକର ପଟ୍ଟନାୟକଙ୍କ ଶ୍ରାଦ୍ଧ ଉପଲକ୍ଷେ ।

Digitized by PPRACHIN, SOA

।। ରମା ଦେବୀ ।।

ହେ ବିଦୂଷୀ, ଚିର ବନ୍ଦନୀୟା
ପୂଜ୍ୟା ଏ ଜାତିର
ଅଶେଷ ମମତାଭରା ମହିୟସୀ ମାତା
ହେ ତ୍ୟାଗର ମୂର୍ତ୍ତି,
ତ୍ୟାଗେ ତୁମେ ଗଢ଼ିଗଲ ଏ ଜାତିର ମୂଳଦୁଆ,
ମୁକ୍ତି ଥିଲା ଜୀବନର ଲକ୍ଷ୍ୟ
ଏ ଜାତି ଶିଖିଲା ବଂଚି, ବଂଚିବାର ପରି ।

ଥିଲା ଯେତେ କୁସଂସ୍କାର, ନାରୀ ନିର୍ଯାତନା
ଅଶିକ୍ଷା, ଅନ୍ଧାର ଘେରା
ସମାଜର ନର୍ଦ୍ଦମା ଭିତରେ
ଅଣ୍ଟାଳି ତୋଳିଲ ତାରେ, ତୁମର ସେ ଅମୃତ ହସ୍ତରେ
ପୋଛିଲ ତାଙ୍କର ଲୁହ ତୁମର ସେ ସ୍ନେହ ପଣତରେ
କୋଳକୁ ଆଣିଲ ଟାଣି
ଭରସାର ବସା ଦେଲ ବାଂଧି
ନିକେତ ଜଳିଲ ତୁମେ ତାଙ୍କ ପାଇଁ
ତ୍ୟାଗର ସଳିତା ହୋଇ
ସାର୍ଥକ ତୁମର ଜନ୍ମ, ଧନ୍ୟ ତୁମ ସାଧନା ତପସ୍ୟା ।

ତୁମର ସେ ଦର୍ପଣ ଗୃହାଣୀ
ଦେଖିଥିଲା, ବୁଝିଥିଲା କୋଟି କୋଟି ଅନ୍ତର ବେଦନା
ତୁମ ରକ୍ତେ ସତୀ ରକ୍ତ

Digitized by PPRACHIN, SOA

ତୁମ ପ୍ରାଣେ ମହତ ସ୍ୱାକ୍ଷର
ସେ ମାଆକୁ ଝୁରେ ଆଜି, ସ୍ନେହ ଭ୍ରଷ୍ଟ
ଛେଉଣ୍ଡ ସମାଜ ।

କାଙ୍ଗାଳ, ଅବୋଧ ଶିଶୁ, ଅସଂଖ୍ୟ ପତିତା
ବାତ୍ୟା, ବନ୍ୟା, ମରୁଡ଼ି ଗଜ୍ୟର
ଯନ୍ତ୍ରଣା ସାଗରେ ବୁଡ଼ି ଅଣ୍ଡାଳେ ତୁମକୁ ·
ତୁମ ମୃତ୍ୟୁ ତାଙ୍କପାଇଁ ହେଲ ଅପମୃତ୍ୟୁ;
ଦେଖି କି ପାରୁନ ଆଜି
ଅଗଣିତ ଛେଉଣ୍ଡଙ୍କ ଅସରନ୍ତି ଦୁଃଖ ଓ ଯାତନା ?
ଏ ଜାତିର ସେବା ଅନୁଷ୍ଠାନ
ଅନ୍ୟାୟ ବିରୁଦ୍ଧେ
ଯୁଝିବାଟା ପଣ ଥିଲ ତୁମ ଜୀବନର ।

ଶୋଷିତଙ୍କୁ ଉଦ୍ଧାରିଲ
ଶୋଷଣର ବିରୁଦ୍ଧରେ ଲଢ଼ି
ବାପୁଜୀଙ୍କ ଅହିଂସାର ମନ୍ତ୍ର, କର୍ମଯୋଗ
ଥିଲ ତୁମ ଜୀବନର ବାଣୀ,
ତୁମର ଜୀବନୀ ହେଉପଛେ ଗନ୍ତ
ଆଗାମୀ ଶିଶୁଙ୍କପାଇଁ, ତମେ କିନ୍ତୁ
ଏ ଜାତିର ନମସ୍ୟା ଚନ୍ଦ୍ରମା
ତୁମ ଗଢ଼ା ମନର ମନ୍ଦିରେ
ଏ ଜାତିର ଅନ୍ତର ମନ୍ଦିରେ
ଯୁଗେ ଯୁଗେ ଅମର ହେ ତୁମେ ।

Digitized by PPRACHIN, SOA

।। କୁଳବୃଦ୍ଧ ।।

ଏ ଜାତିର ପିତାମହ, ମହାନ୍ କୋଣାର୍କ
କୁଳବୃଦ୍ଧ, ଉତ୍କଳ ଗୌରବ
ହେ ଦୀପ୍ତିମନ୍ତ ସୂର୍ଯ୍ୟ
ତେଜିଥିଲ ତୁମେ ସିଂହାସନ
ଆଣିବାକୁ ଉତ୍କଳର ହୃତ ମୃତ ସଂସ୍କୃତି ଗୌରବ...
ହେ ମହାଜ୍ୟୋତିଷ୍କ
ନିଃସ୍ୱାର୍ଥ କିରଣେ ତୁମ
ହସିଥିଲା ଉତ୍କଳ ଆକାଶ ।
ଜନ୍ମଭୂମି ହିତପାଇଁ
ସବୁସୁଖ ଦେଇଥିଲ ବଳୀ ।

ମାତୃଜାତି ପାଇଲା ସମ୍ମାନ
ଉତ୍କଳର କଳା, କୀର୍ତ୍ତି
ପ୍ରସ୍ତରିଲା ବିଦେଶରେ ଯାଇ
ଉତ୍କଳ ଜନନୀପାଇଁ ଡାକୁଥିଲ ଏକାନ୍ତରେ ଲଢ଼;
ସ୍ୱର୍ଗଠାରୁ ଜଲ ତାରେ ବଡ଼
ଖଣ୍ଡିତ ଉତ୍କଳପାଇଁ ସର୍ବ୍ବ ଜନୀ କରଇ ଆହତ
ଜାତି ପ୍ରେମବହ୍ନି ତୁମେ କଲ ପ୍ରଜ୍ଜ୍ୱଳିତ ।

ଜୀବନର ମୂଳମନ୍ତ୍ର ଥିଲା ତୁମ
ଜାତି ଆଉ ଭଷାର ପ୍ରତିଷ୍ଠା,
ହେ ଅମର ଆତ୍ମା !

Digitized by PPRACHIN, SOA

ପାଉ ତ ନ ଥିବ ଶାନ୍ତି ହେ ମହା ବିପ୍ଳବୀ
ଦେଖି ତୁମ ହାତଗଢ଼ା ଉତ୍କଳର ଭଗ୍ୟ.
ଯାହାର ପ୍ରତିଷ୍ଠା ପାଇଁ ନିଜେ ଜଳି
ତିଳ ତିଳ ଜ୍ୱଳନ୍ତ ଶିଖାରେ
ମନ୍ତ୍ରୀତ୍ୱକୁ କଲ ପଦାଘାତ ।
ଆହେ କବି, ଦେଶବନ୍ଧୁ
ଏ ଜାତିର ପ୍ରାଣର ପ୍ରତିମା
ଦେଶପ୍ରୀତି ବାଢ଼ିଥିଲ କବିତା ମନ୍ତ୍ରରେ
ସ୍ୱାର୍ଥକୁ ଆହୂତି ଦେଇ
ପ୍ରଜ୍ଜ୍ୱଳିତ କରି ଜାତି-ପ୍ରେମବହ୍ନି;
ବହୁମୁଖୀ ଜୀବନ ଭିତରେ
ବହୁବିଧ ଥିଲା ଅନୁଭୂତି
କଠୋର ସଂଗ୍ରାମ କରି
ଅବିଶ୍ରାନ୍ତ ସାଧନା ବଳରେ
ହୋଇଥିଲ ନେତା ତୁମେ ସାର ଭାରତର ।

ହେ ଅମର ନେତା
ଉତ୍କଳର ଗର୍ବ ତୁମେ, ଗୌରବ ବି ତୁମେ
ଏ ସାର ଜାତିର
ଆଜି ଆମେ ପାଶୋରିଛୁ
ତୁମରି ରଚିତ ଯେତେ ପ୍ରାଣର କବିତା
ଧପ୍ ଧପ୍ ଦେଶପ୍ରେମ ଶିଖା
ଏତିକି ମିନତି
ତୁମେ ପୁଣି ଫେରିଆସ
ଆଜିର ଏ ବିଦଗ୍ଧ ବେଳାରେ ।

●

Digitized by PPRACHIN, SOA

॥ ଆଶା ॥

ଆଶା ଏକ ଅସରନ୍ତି ନଦୀ
ମିଶେ ନାହିଁ ସାଗରେ ବା ହ୍ରଦେ,
ବହିଗଲେ ଜୀବନର ନିଃଶେଷ ପର୍ଯ୍ୟନ୍ତ
ଖୋଜି ଖୋଜି ସପନ ଗଭୀର,
ଆଶା ଏକ ଅସରନ୍ତି ନଦୀ
ନାମ ତାର ଜୀବନ ଜାହ୍ନବୀ ।

ଆଶା ଏକ ଅସରନ୍ତି ନଦୀ
ଜୀବନର ଶେଷ ମୁହୂର୍ତ୍ତରେ
ଭରିଦିଏ ଅସଂଖ୍ୟ ବେଦନା ଛାୟା ଆଉ ମରୀଚିକା
ବ୍ୟଥା ଆଉ ଯନ୍ତ୍ରଣା ସାଥିରେ
ସବୁ ଖାଲି ମରମର ମର୍ମାହତ ଅଭିଜ୍ଞ ସ୍ୱାକ୍ଷର
ଆଶା ଏକ ଅସରନ୍ତି ନଦୀ
ନାମ ଯାର ବେପଥୁର ଜୀବନ ନିଃଶେଷ ।

●

Digitized by PPRACHIN, SOA

॥ ହୋଲି ॥

ହସ୍ପୃଚିରେ ସମାଧି ଉପରେ
ବୋଳ ନାହିଁ, ବୋଳ ନାହିଁ
ସଭ୍ୟତାର କଳଙ୍କିତ ଫଗୁ ;
ଅହଂକାର ସରାନେଇ
ଜନମିଲ ଦୈତ୍ୟରାଜ ହିରଣ୍ୟଙ୍କ
ଭଗିନୀ ହୋଲିକା—
ସମାଜର ଧମନୀରେ ପ୍ରବାହିତ
ବିଷଭରା ରକ୍ତର ଫୁଆର
ନିସ୍ତେଜ ଯେତେକ ସ୍ନାୟୁ;
ଶୋଷଣ-କଷଣଭରା ନୟାନ୍ତ ଜୀବନ
ପକ୍ଷାଘାତ ହାତେ ତୁମେ ବୋଳ ନାହିଁ
ସାମାଜିକ ବେଦନାର ଫଗୁ ।

ଏ ବେଳାରେ କାହିଁ ଅଛ
ଗୋବିନ୍ଦ ହେ !
କାହିଁ ତୁମ ବୈଷ୍ଣବୀ ଶକ୍ତି
ରକ୍ତ-ରଙ୍ଗ ବସ୍ତ୍ର ସାଥେ ମେଳା ମେଳା ଦେବଗଣ
ସ୍ୱଟେରୀ ବେଶରେ ବିଜେ
ଶ୍ରୀଦେବୀ, ଭୂଦେବୀ
ଚନ୍ଦ୍ର ବିଜେ ଫଲଗୁ ନକ୍ଷତ୍ରେ
ଶଂଖ, ଘଣ୍ଟ, କାହାଳୀର ଧ୍ୱନୀ
ଜୀବନର ମଧ୍ୟାହ୍ନରେ

Digitized by PPRACHIN, SOA

ରତୁରଙ୍ଗ ମଧୁମୟ, ମହିମାମଣ୍ଡିତ
କାଳର ବିକୃତି ବେଳେ
କର୍ମଭୀରୁ, ଅବିଶ୍ୱାସୀ ଦସ୍ୟୁ ମେଳା ମେଳା ।

ଏ ବିକୃତି ଜନପଦ ଧ୍ୱଂସର କାରଣ
ଚେତନାର ଆମ୍ର କୁଞ୍ଜେ ଶୁଭେନି ତ
ଏକତାର କୋକିଳ ମୂର୍ଚ୍ଛନା,
ହିଂସାର ଛୁରୀରେ ଖଣ୍ଡ ଖଣ୍ଡ କରନି ସହତି
ହିଂସା, ଆଉ ପ୍ରତିହିଂସା ଘୂଣଖିଆ ଢାଲ
ବ୍ୟର୍ଥ କୁହୁ ଫଗୁଣ କୋକିଳ
ଦେଶଦ୍ରୋହୀ ଅଂଧ ସାଜେ
ଜୋଛନାର ଚନ୍ଦ୍ର ଦର୍ପଣରେ
ଶ୍ୱାସରୁଦ୍ଧ ହୋଇଯାଏ ଶୂନ୍ୟତାର ହାହାକାର ମଧ୍ୟେ ।

ସଂଦେହର ପିଚିକାରୀ ଭର ନାହିଁ
ଯନ୍ତ୍ରଣା ସାଗରୁ
ମମତାର ମଧୁଭରି
ହୋଲି ତୁମେ ରଙ୍ଗ ଆଉ ଫଗୁ ଧରି ଆସ-
ଖୋଲି ଦିଅ ଚେତନାର ଅସଲ ନୟନ
ଦଣ୍ଡିତ ହୁଅନ୍ତୁ ସବୁ
ସମାଜର ଯେତେ ଭସ୍ମାସୁର ।

●

Digitized by PPRACHIN, SOA

॥ ଅଳସ ମୁହୂର୍ତ୍ତ ॥

ଆଂଜୁଳା ଭର ସ୍ମୃତି
ଚର୍ବଣ କରୁଛି ବସି ଅଳସ ମୁହୂର୍ତ୍ତେ
ସେ ମୁହୂର୍ତ୍ତେ ହାତ ଦୁଇ ମୋର
ଲମ୍ବିଯାନ୍ତି ଘନ ଅନ୍ଧକାରେ
ଛୁଇଁବାକୁ ତାରକାର ଅସଂଖ୍ୟ ସନ୍ତତି;
ସୁଦୂରର ପର୍ବତ ଫାଙ୍କରୁ
ଚନ୍ଦ୍ରମାର ସୁଶୀତଳ କିରଣ ଲହରୀ
ପଶିଆସେ ମୋ ପଣତ ତଳେ
ଆଖି ମୋର ଲାଖିଯାଏ
ଖପ୍ ଖପ୍ ଡେଉଁଥିବା ଗୁଣ୍ଡୁଚି ଉପରେ
ସତେ ଅବା ଖୋଜୁଛି ସେ
ତ୍ରେତୟା ଯୁଗର ସେଇ ଶ୍ରୀରାମଚନ୍ଦ୍ରଙ୍କୁ
ଦେବାପାଇଁ ଯେତେ ସବୁ ଅନ୍ତରଙ୍ଗ
ବିବରଣୀ ତାର ।

ବିରାଟ ସେ ବଟବୃକ୍ଷ
ଦେହେ ଭରି ଉଦ୍‌ବେଗର ସ୍ୱର
ଅସଂଖ୍ୟ ତା' ଶାଖା ଓ ପ୍ରଶାଖା
ଓହଳଙ୍କ ମାଳ ମାଳ ଝୁଳି ଝୁଳି ଛୁଆଙ୍କର
ଝୁରଣା ଶବଦ,
କୃଷ୍ଣ ରେଖାଟିର
ହତାଶ ଗହଣୀ

Digitized by PPRACHIN, SOA

ଓ ଯନ୍ତ୍ରଣା କିଷ୍ଟ ତା' ଜୀବନ,
ଭଙ୍ଗା, ଚେପା ଟିଣ ଡବା କେତେ
ଫିମ୍ଫିଲଗା ଶୁଖା ପାଉଁରୁଟି
ମାଛିଙ୍କର ସ୍ୱାଗତ ସମ୍ଭାର
ନିର୍ବିକାର ସେ ଗୃହାଣୀ, ନୁହେଁ ମୋହଗ୍ରସ୍ତ
ଜୋଛନାର ଚନ୍ଦ୍ର-ଦର୍ପଣରେ
ପାଉଁଶିଆ ରଙ୍ଗର ସେ ଅଦିନ ବାଦଲ
ଅସଂଖ୍ୟ ପାଣି ଫୋଟକା
ଚକ୍ ଚକ୍ କରେ, ପୁଣି
କ୍ଷଣିକରେ ମିଶିଯାଏ ମହାଶୂନ୍ୟତାରେ ।

ହତାଶାର ସ୍ତୂପ ଚଉପାଶେ
ଏ ମାନବ କୁହୁଡ଼ି ପର୍ଦ୍ଦାରେ
ରଂଗମଞ୍ଚ, ଗ୍ରୀନରୁମ ଭିତରୁ
ବାହାରନ୍ତି କେତେ ବୀର, କେତେ ରଜା ରାଣୀ
ଅଭିନୟ ସାରି ଯେବେ ଫେରନ୍ତି ସେମାନେ
ଫିଙ୍ଗିବାକୁ ବେଶ ଭୂଷା
ଭରି କେତେ ହାହାକାର ସେଇ ଅନ୍ତରରେ
ଏ ଦୁନିଆ ରଙ୍ଗମଞ୍ଚ
ଶୂନ୍ୟ ଆଉ ମହାଶୂନ୍ୟ
ଚିର ସତ୍ୟ,
ଆମେ ମଧ୍ୟ ସେ ପଥର ନୀରବ ପଥିକ
ମୃତ୍ୟୁ ଅପେକ୍ଷାରେ,
ତଥାପି ତ ଅଳସ ମୁହୂର୍ତ୍ତେ
କହ କିଆଁ ବୃଥା ଆତଙ୍କିତ ?

●

Digitized by PPRACHIN, SOA

।। ମଶକର ଚଣ୍ଡାଉ ।।

କୁନି କୁନି ପିଲାମାନେ ଚିହ୍ନି ରଖ ଭଲଭାବେ ମତେ
ଶୁଣୁଥିବ ମେଲେରିଆ, ବ୍ୟାପିଲାଣି ଗାଁ ଗଣ୍ଡା ଯେତେ
ଗାଁରେ କହୁଛ ତୁମେ ପାଳିଜ୍ୱର, ପ୍ଲିହାଜ୍ୱର ଅବା ମେଲେରିଆ
ହୁ ହୁ କମ୍ପ ଶୀତ ଜ୍ୱର ବାନ୍ତି ଥରଉଛି ହିଆ ।
କି ଭୀଷଣ ମୁଣ୍ଡ ବ୍ୟଥା, ଦେହ ତାତି, ଝାଳ ସର ସର
ମସ୍ତିଷ ଆକ୍ରାନ୍ତ ହେଲେ ରାସ୍ତା ସଫା ଯିବା ପାଇଁ
ଯମରାଜାପୁର

ବାରମ୍ବାର ଆକ୍ରାନ୍ତରେ ରକ୍ତହୀନ, ମୁହଁ ଫୁଲା ପ୍ଲିହାବୃଦ୍ଧି କରେ
ଶେତା ଶେତା ଫୁଲା ଫୁଲା ଆଟିକାର ଆକୃତି ପେଟରେ
ଜାଣିଛ କି ପିଲାମାନେ କିଏ ତୁମ ମେଲେରିଆ କରେ
ଯା' ନିର୍ମୂଳ ପାଇଁ ବାରମ୍ବାର କର୍ମଶାଳା ଚିକିତ୍ସକ ମେଳେ ?
ଏଥର ମୋ ପରିଚୟ ଶୁଣ
ଆମେ ସବୁ ଆନୋଫିଲିସ ମାଈ ମଶା
ଲକ୍ଷ ଲକ୍ଷ କୋଟି କୋଟି ହୋଇ
ଜନମୁଛୁ ମଣିଷର ମିଠାରକ୍ତ ଚୁଷିବାର କେତେ ଆଶା ନେଇ
ବ୍ୟାପିଅଛୁ ଗାଁ ଗଣ୍ଡା ସହରର ଗଳି ଓ କନ୍ଦିରେ
ସେଥିପାଇଁ ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଆଜି ଭଙ୍ଗିଲେଣି ସାଗରେ
ହାୟରେ ମଣିଷ ଜାତି, ହାୟ ତମ ବିଜ୍ଞାନୀମଣ୍ଡଳୀ
ଏଡ଼େ ଟିକି ପତଙ୍ଗ ମୁଁ, କାମ ମୋର ପାରୁନା ତ କଳି
ଅଳ୍ପାୟୁଷ ହେଲେ ମଧ୍ୟ ବଂଚିବାର ନେଇ ସୁଖସ୍ୱପ୍ନ
ଅଧିକ ପାଇବା ଆଶା ଶୋଷଣ ଓ ଦୁର୍ନୀତିର
ଯେତେ ନିପୀଡ଼ନ

Digitized by PPRACHIN, SOA

ସନ୍ଧ୍ୟା ଯେବେ ନଇଁ ଆସେ, ମନ ମୋର ନାଚେ ରକ୍ତ ପାଇଁ.
ସେଇ ରକ୍ତ ପୁଷ୍ଟିସାର ବଂଶ ମୋର ବଢ଼େଇବା ପାଇଁ
ଆମରି ପୁରୁଷ ବଂଧୁ, ଧିକ ତାଙ୍କ ଜୀବନ ଧାରଣ
ନିରମିଷଭୋଜୀ ବୋଲି କରେନି ସେ
ମଣିଷର ମିଠା ରକ୍ତପାନ ।

ଯେତେବେଳେ ଅଂଧାରଟା ଘୁଂଚିଯାଏ, ଉଷା ଆସେ ଚ୍ଛଲି
ନିର୍ଲଜ ମଣିଷ ମୁହଁ ଦେଖିବାକୁ ଇଚ୍ଛା ଯାଏ ଚ୍ଛଲି
ପେଟ ଭରି ରକ୍ତ ଶୋଷି, ଘୁମାଏ ମୁଁ
ଘରକନ୍ଦି ଅଲଗୁଣୀ ପରେ
ଲୁଚିଯାଏ ସେହିଠାରେ ଉଷା ପ୍ରତୀକ୍ଷାରେ
ବିରଡ଼ି କପାଳେ ଶିକା ଛିଡ଼ିଗଲା ପରି
ଆବର୍ଜନା, ପଶ୍ୱପାଣି ସବୁ ଯେତେ ମୋର ବାସସ୍ଥଳୀ
ଭୋଜିଭାତ ଖାଇ ତୁମେ ଯେଉଁ ସରା ଖୁରୀ ସବୁ ଫିଙ୍ଗ,
ପାଣି ଟିକେ ଜମିଗଲେ ଆମେ ସୁଖେ ରଖୁ ଆମ ଅଙ୍ଗ
ରକ୍ତ ଶୋଷି ସୁସ୍ଥ ଦେହେ ଦିନ ଦୁଇ ଶୋଇ
ଅଣ୍ଡକୋଷ ମୋର ସେଠି ଶତ ଶତ ଅଣ୍ଡା ଦିଏ ଥୋଇ
ସମୟର କାଳଚକ୍ରେ ଅଣ୍ଡା ସବୁ ଲର୍ଭା ହୁଏ
ପ୍ୟୁପା ହୁଏ ଦୁଇ ପକ୍ଷ ମଧ୍ୟେ
ତା ପରେ ତ ତୁମ ଶତ୍ରୁ ବଡ଼ ମଶା ଆନନ୍ଦରେ ଡିଏଁ ।

ଡିମ୍ବ ସବୁ ଦେଇ ପରେ ରକ୍ତ ପାଇଁ ମନ ପୁଣି
ବାରମ୍ବାର ଧାଏଁ
ବେଳ କାଳ ଉର୍ଦ୍ଧି ଆମେ ରକ୍ତ ଶୋଷୁ ଶୋଇବା ସମୟେ
ଯେତେବେଳେ ତୁମେ ସୁପ୍ତ ଗାଆଢ଼ ନିଦ୍ରାରେ
ତୀକ୍ଷ୍ଣ ଅସ୍ତ୍ର ନାଡ଼ ମୋର ଲଗିଯାଏ ରକ୍ତ ଶୋଷିବାରେ
ଲଳବୁ ଟୋପାଏ ସିଂଚି ନିଶ୍ଚେତକ ପରି
ଢାଳି ଦେଇ କ୍ଷତ ପରେ କାମ ଦିଏ ସାରି

Digitized by PPRACHIN, SOA

ତାପରେ ଆନନ୍ଦରେ ମନ ଇଚ୍ଛା ଖାଦ୍ୟନଳୀ
ରକ୍ତ ଶୋଷି ଗ୍ଲେ
ଶହ ଶହ ମେଲେରିଆ ପାରସାଇଟ୍
ଢାଳିଦିଏ ରକ୍ତର ବଦଳେ
କହ ଦେଖି ଭବିଚିନ୍ତି ଧାଡୁଆ ମୁଁ ନୁହେଁ
ଏହା ପରେ ଗାଁ ଗଣ୍ଡା ସହରରେ କମ୍ପଜ୍ୱର ହୁଏ
ଘଗନା ମୋ କୁନିପିଲ ବୁଦ୍ଧି ମୋର କମ୍
ପ୍ରଥମ ଗ୍ରେଟରେ ମୁଁ ତ ପାଏ ରକ୍ତ-ରସ
ଯେଉଁ ରକ୍ତ ନେବାପାଇଁ ବାରମ୍ବାର ଛୁଟି ଫୋଡ଼ାଗ୍ଲେ ।

ଦେଖ ମୋର ବିଦ୍ୟା, ବୁଦ୍ଧି ଚିକିତ୍ସା ଶାସ୍ତ୍ରରେ
ଆମେ ସବୁ ତୁମ ଶତ୍ରୁ ଛୁଆଙ୍କ ଡାଆଣୀ
ଶୁଣିଲ ତ ଆଜି ବର୍ଷି ମଶାର କାହାଣୀ
ଯଦି ଏତେ ଡର ମତେ ପରିବେଶ ପରିମଳ କର
ଆମ ବଂଶନାଶ ପାଇଁ ଯାହା ଯେତେ ମନଇଚ୍ଛା କର
ମଶାରୀତ ଆମ ଅଇରି ତୁମକୁ ତା ଜଣା
ଦୂରେ ଥାଇ ତୁମ ରୂପ ଦେଖିବାକି ମଜା ?

●

Digitized by PPRACHIN, SOA

।। ସ୍ୱପ୍ନିଳ ମାତୃତ୍ୱ ।।

ଅଭୁଲା ଅତୀତର ଅଜସ୍ର କେଶ୍ ହିଷ୍ଟ୍ରି ଫାଇଲ ଭିତରୁ
ଉଂକିମାରେ ଏକ ଶିହରିତ ଅନୁଭୂତି
ସମୟ ଢେଉର ଅଜସ୍ର ଧକ୍କା ସହି
ଆସିଥିଲା ଅନାମିକା, ସ୍ଥୂଳକାୟା ପ୍ରୌଢ଼ା ନାରୀଟିଏ,
ହସି ହସି ମାତୃତ୍ୱର ଗଉରବେ
ଚିନ୍ତାର ଅତଳସ୍ପର୍ଶୀ ଆବର୍ତ୍ତ ଭିତରେ
ଆନନ୍ଦର ଅଫୁରନ୍ତ ଜୁଆରରେ ଭସି
ଆସିଥିଲା ଗର୍ଭବତୀ ପରୀକ୍ଷାଗାରକୁ ।

ଅସଂଖ୍ୟ ସେ ବିଶେଷଜ୍ଞ ମେଳେ
ପୁଂଞ୍ଜିଭୂତ ଲଜ୍ଜା ଆଉ ସଙ୍କୋଚ ବଦନେ
ବାଢ଼ିଥିଲା
ନିଜ ନାମଧାମ, ବୟସ ଓ ମୁଖ୍ୟ ଅସୁସ୍ଥତା
ଋତୁଚକ୍ର ବିବରଣୀ
ତାହାର ଏ ଅପ୍ରାକୃତ ଗର୍ଭ-ଇତିହାସ
ପ୍ରତ୍ୟୁଷର କ୍ଳାନ୍ତି, ବାନ୍ତି, ଅରୁଚି ସମେତ
ଆଉ ଯେତେ ଆଗ ପଛ ରୋଗ ଇତିହାସ
ପରିବାର-ଇତିହାସ ଥିଲା ଯେତେ ତାର
ଶରୀରର ଲକ୍ଷଣ ଓ ବିଲକ୍ଷଣ ମାନ
କହିଥିଲା ସହାସ୍ୟ ବଦନେ,
ବେଶ୍ ଉତ୍ଫୁଲିତ
ପ୍ରାପ୍ତିର ଉଲ୍ଲାସେ ।

Digitized by PPRACHIN, SOA

ତା ପରେ...
ସେବିକା ଗହଣେ
ଗର୍ଭବତୀ ପରୀକ୍ଷାଗାରରେ
ଅଭିଜ୍ଞତା ଭରପୂର ଚିକିତ୍ସକ ମେଳେ
ଫୁଟିଥିଲା ବିସ୍ମୟର କେତେ ଅଭିବ୍ୟକ୍ତି;
ଆଶାର ତା' ଝିଲିମିଲି ପରଦାଟା ଛିଡ଼ିଗଲା !
ନା...
ତୁମର ଏ ଗର୍ଭବାସ ଅଟେ ଅପ୍ରାକୃତ ।

ହଠାତ୍ ତା' ଜ୍ୟୋସ୍ନାରେ
ଘୋଟିଗଲା ଅମା ଅଂଧକାର,
ସେ ଜୀବନବ୍ୟାପୀ ଭୋଗିଥିଲା ଯେତେ ସବୁ
ଗଂଜଣା, ଟାପର ଆଉ ହତାଦର
ତା ମନର ଶୁଖିଲା ପଠାରେ,
ସେ ସମସ୍ତ ରହିଗଲେ ତା' ଆଖିର
ହତାଶାର ପ୍ରଶ୍ନବାଚୀ ହୋଇ ।।

ଚିରଚରିତ ରୀତିରେ ଚିକିତ୍ସକ ଦଳ
ରକ୍ତସ୍ରାବ ବନ୍ଦ ସତ୍ୟ,......କିନ୍ତୁ
ମାସ ମାସ ବର୍ଷ ବର୍ଷ ଧରି
ଘୁଲିଥିଲା ଯେଉଁ ରକ୍ତଚକ୍ର,
ତା ରହସ୍ୟାବୃତ, ସେ ଯେ ମାଣିକ୍ୟର ଦ୍ୱୀପ,
ସେଇ ଡିମ୍ବକୋଷ
ଗୋଧୂଳିରେ ପରିତ୍ୟକ୍ତ
ନେଲେ ଏବେ ଅବସର ।

ଅସହାୟ ବ୍ୟଥା ସବୁ ଯନ୍ତ୍ରଣାସାଗରୁ
ହଠାତ୍ ଚେଇଁ ଉଠି ପର୍ବତ ପରି ସହନଶୀଳ
ମନଟାକୁ କଲା-ବିଚଳିତ

Digitized by PPRACHIN, SOA

ଦଶମାସ ଗର୍ଭାପ୍ଲୁତ ଶ୍ରମ ଓ ଉଚ୍ଛ୍ୱାସ,
ଜୀବନର ସମସ୍ତ କାମନା ଏବଂ ମିଠା ସ୍ୱପ୍ନ ସବୁ
ଆହତ-ନିହତ ହେଲେ,
ହୃଦୟର କୋହ,
ଆଖିର ଅବାଧ୍ୟ ଲୁହ
ଝାଳ-ଜରଜର ତା' କପାଳ
ଚକ୍ଷୁଲଜ୍ଜା ଯେତେ
ସବୁ ମିଶି ଦୃଷ୍ଟି କଲେ
ପ୍ରଚଣ୍ଡ ଝଂକାର ପୃଥିବୀ
ଯାଦୁର ରହସ୍ୟ
ମନେ ତାର ପଡ଼ିଗଲା ଜୀବନର ନିରୀହ ମୁହୂର୍ତ୍ତ
କଳ୍ପନାର ନିବିଡ଼ ଚିନ୍ତାରେ
ପାଇଥିଲା ଗର୍ଭର ସେ ନିଶ୍ଚିତ ସଙ୍କେତ
ଶୋଣିତରେ ତା'ର
ପଦ୍ମଫୁଲ, କର୍ଣ୍ଣିର ସେ କେତେ ସ୍ୱପ୍ନ ନେଇ
ଅଙ୍ଗୁଳିରେ ଅଗଣିତ ଗ୍ରହମୁଦି
ବିଭିନ୍ନ ଧାତୁର...
ସମାଜର ଯେତିକି ପଦ୍ଧତି
ସଦଖିଆ ଖୁସିବାସି, କେତେ ପରିହାସ
ମୁଠା ମୁଠା ଆଶା...
କଳ୍ପନାର ଝୁଲୁ ବୁଲୁ, କୁନି କୁନି ଦୁଇଗୋଟି ହାତ ।

ଆଉ...
ସପନରେ ଛୋଟ ଶିଶୁ ମୁଖରିତ ବହୁବିଧ ଲୀଳା,
ଓ ନିଜର ଗୋପନୀୟ ପ୍ରତିଟି କଳ୍ପନା, ସ୍ୱପ୍ନ
ମନେ ହେଲା ବିଷମୟ
ତନ୍ଦ୍ରାଚ୍ଛନ୍ନ ମଧୁରତା, ଖଣ୍ଡ ବିଖଣ୍ଡିତ

Digitized by PPRACHIN, SOA

ଚତୁର୍ଦ୍ଦିଗେ ଦୟା ଅନୁକମ୍ପା
ଆତଙ୍କିତ କଲା
ହୃଦୟର କେଉଁ ଅନ୍ତରାଳୁ
ଆଞ୍ଜୁଳାଏ ଅଭିମାନ
ମୁଠା ମୁଠା ଆଶା ଓ ରହସ୍ୟ
ଝଡ଼ିଗଲା ଧୂପ୍ ପରି
ପୁଂଜିଭୂତ କଳ୍ପନାର କବର ଉପରେ—
ଅନ୍ତଃରସ ନିଃସୃତର ଶେଷ ପର୍ବ ଉପଲକ୍ଷେ
ଥରପିଲା ନୈରାଶ୍ୟର ଶୁଷ୍କ ଫୁଲତୋଡ଼ା !

●

Digitized by PPRACHIN, SOA

।। ଆର୍ଘ୍ୟ ହରିହର ।।

ଏ ଜାତିର ପୁଣ୍ୟ ବାରଣସୀ
ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ସେନାପତି
ଶାଶ୍ୱତ ଶାନ୍ତିର ମୂର୍ତ୍ତି
ତୁମର ଏ ଜୟନ୍ତୀ ବାସରେ,
ଏ ଜାତି ବାଢ଼ୁଛି ଆଜି ଭକ୍ତି ଶ୍ରଦ୍ଧାଞ୍ଜଳି
ଯୋଗଜନ୍ମା, ତ୍ୟାଗମୂର୍ତ୍ତି ହେ ଅଜାତଶତ୍ରୁ
ଜୀବନରେ ପିନ୍ଧିଥିଲ ସେବା, ନିଷ୍ଠା, ସ୍ନେହ ସତ୍ୟମାଳା;
ଜୀବନରେ ଲକ୍ଷ୍ୟ ତୁମ ଥିଲା ହେ ମହର୍ଷି
ତୁମ କର୍ମ ସାଧନାର ଦେଶ ଜାତି ଏକ ପରିବାର
ସ୍ୱାଧୀନତା ସଂଗ୍ରାମରେ ନିଜକୁ ତ ସର୍ପିତା କରିଲ
ପରିସ୍ଥିତି କରିଲ ଆୟତ୍ତ
ଖଣ୍ଡାଧାର କଲ ଚଲାପଥ
ଶ୍ରମକୁ କରିଲ ମନ୍ତ୍ର ପିନ୍ଧି ସତ୍ୟମାଳା
ସରଳ ଜୀବନ ତୁମ ଅଣ୍ଡାଳିଲା
ଦୁଃଖୀ ରର୍କ୍ତ ରୋଗୀ ଆଉ ଯନ୍ତ୍ରଣାର ଭାଷା ।

ପୋଛୁଥିଲ ପୁଞ୍ଜିଭୂତ ଯନ୍ତ୍ରଣା ପ୍ରଲେପ
ନିଷ୍ପାପ ମୁହଁରେ ତାଙ୍କ ଫୁଟାଇଲ ହସ,
ବୁଝୁଥିଲ ମାତୃମନ ନେଇ
ଲକ୍ଷ ଲକ୍ଷ ଦୁଃଖୀଙ୍କର ଅନ୍ତରର ବ୍ୟଥା
ସେବାକରି ମୁକ୍ତମନ୍ତ୍ର, ମାନବିକ ବୈପ୍ଳବିକ ରୀତି
ହେ ମହର୍ଷି !

Digitized by PPRACHIN, SOA

ତୁମର ସେ ସେବା, ନିଷ୍ଠା କଳ୍ପବୃକ୍ଷ
ଆଜି ତ ଝାଉଁଳି ଅଛି
ସଭ୍ୟତାର ମୁଖା ପିନ୍ଧି ହଳାହଳ ପରିବେଶ ମଧ୍ୟେ
ଆମେ ଆଜି ପାଶୋରିଛୁ ତୁମ ମନ ଭାଷା ।

ତୁମ ଅହର୍ନିଶି ସେବାମନ୍ତ୍ର
ମୁଖେ ଭରି ନାଇଲନ୍ ହସ
ଅନ୍ତରରେ ମୁଠା ମୁଠା ବିଷ
ବଧିର ସାଜିଛୁ ଆମେ, ଶୁଭୁନି ତ
ରୋଗୀ ଆଉ ଆର୍ତ୍ତଙ୍କର ସ୍ୱର
ଭୋଗୀ ପାଇଁ ଅମାପ ତତ୍ପର
ବାସ୍ତବ ଜୀବନ ଆମ ପୁଣ ଛିନ୍ ଭିନ୍
ନଭସ୍ପର୍ଶୀ ପ୍ରାସାଦ ବା ତାରକା ହୋଟେଲ ଧାରେ
କୁନି କୁନି ହାତ ସବୁ ଅଣ୍ଡାଳନ୍ତି
ଭଙ୍ଗା ଟିଣ, ପଲିଥିନ୍ ଖୋଳ
ଚକ୍ଷୁହୀନ ଆମେ ସବୁ ଦିଶୁନି ତ
ମରୁଡ଼ିର ବିକଳାଙ୍ଗ ଶିଶୁ
ଅର୍ଦ୍ଧନଗ୍ନ ନର ନାରୀ, କିଶୋରୀର ତନୁ
ତୁମର ଏ ଜୟନ୍ତୀ ବାସରେ
ଦେଶବାସୀ ଅଶ୍ରୁ ତପସ୍ୟାରେ
ତୁମେ ପୁଣି ଫେରିଆସ ବକୁଳ ବନକୁ
ଆଜିର ଏ ଆତଙ୍କର ଯନ୍ତ୍ରଣା ବେଳାରେ ।

✿

Digitized by PPRACHIN, SOA

।। ସୁସ୍ଥ ଆଉ ଅସୁସ୍ଥର ଦୁଇଟି ପୃଥିବୀ ।।

ସୁସ୍ଥ ଆଉ ଅସୁସ୍ଥର ଦୁଇଟି ପୃଥିବୀ
ବେଶ୍ ପୃଥକ୍ ପରସ୍ପରଠାରୁ
ସୃଷ୍ଟିକରେ ମନରେ ଏ ଝଡ଼
ସ୍ରଷ୍ଟା ସିନା ସୃଷ୍ଟି କଲେ ଗୋଟିଏ ପୃଥିବୀ
କାଳକ୍ରମେ ସମୟଚକ୍ରରେ
ଅଜ୍ଞତା ଓ ଅବହେଳା ପରିଧି ଭିତରେ
ଦାରିଦ୍ର୍ୟର ତାଡ଼ନା ଭିତରେ
ନୂତନ ଯାତ୍ରାରେ ତାର ହିସାବ ନିକାଶ
ଏକ ପାଖେ ଦାମୀ ହସ ଧରି
ମୁଠା ମୁଠା ସ୍ନେହ ଆଉ ଆଦର ଭିତରେ
ମା' କୋଳ ଛୋଟ ଶିଶୁ
ଭଂଗା କଥା, ଚିପାହସ ଓ ଦୁଷ୍ଟାମି ଆଖି
ଘୂରିବୁଲେ, ଖୋଜିବୁଲେ
ସମାଜ ବକ୍ଷରେ ।

ଅନ୍ୟ ପକ୍ଷେ ଅସହାୟ ବେଦନାର ଛାଇ
କଅଁଳିଆ କଥା ହସ ସବୁ
ଛପିଗଲା ଅଜ୍ଞତାର ପରିଧି ଭିତରେ
ଡାକିଦେଲେ ଅଦିନ ବଉଦ
ରୋଗର ଡାକୁଣୀ ତଳେ ଛପିଲା ଶୈଶବ
ଦରଫୁଟା କଳି ସବୁ ମଉଳି ପଡ଼ିଲେ

Digitized by PPRACHIN, SOA

ତୁମେ କୁହ କୁଆସିକର ଅବା ମାରସ୍‌ମସ୍
ରୁଗ୍‌ଣ ଶିଶୁ ଚମ ଧୁଡ଼ୁ ଧଡ଼ୁ, ଟା'ର
ପଳେ ମାଂସ ନାହିଁ ।
ଅସ୍ଥି ଦେହେ ଚର୍ମ ପ୍ରତିକୃତି
ଭଷାହୀନ ଶୁଖା ଆଖିତଳେ
ଭରିଅଛି ନୈରଶ୍ୟର ଝଡ଼ ।
ଧ୍ୱସ୍ତ ଓ ବିଧ୍ୱସ୍ତ ସବୁ କଅଁଳିଆ ମୁହଁ
ଚିବୁକର ତଳେ
ଯେତେ ଆଶା, ଯେତେ ସ୍ୱପ୍ନ ଭାଂଗିଭୁଜିଯାଏ ।

ନୀରବ ବେଦନା ଧରି
ଶିରୀହୀନ କଙ୍କାଳର ମାଳ
ନାହିଁ ତାର ମୃତ୍ୟୁଭୟ
ସିଏ ଗ୍ରହେଁ ପରିତ୍ରାଣ
ଉପହାସ କରେ ତାର
ସମାଜର ଦମ୍ଭ, ଅଭିମାନ ।
ହାୟରେ ମାନବ ଶିଶୁ .
ଅନ୍ୟ ଧାରେ କଅଁଳିଆ କଦାକାର ଦେହର ଆକୃତି
ଗୋଡ଼ଫୁଲ, ହାତଫୁଲ, ମୁହଁଫୁଲ
ଲଲ କହରିଆ, ନିର୍ଜୀବ ସେ କେଶରାଶି
ହସ ତା' ବେଦନାଭରା
ବଂଚିବାରେ ନାହିଁ ବ୍ୟାକୁଳତା
ଦୁଃଖ ହିଁ ତା ଜୀବନ-ସାଧନା
ଯନ୍ତ୍ରଣା ତା ଜୀବନ-ତପସ୍ୟା;
କିଏ କରେ ଉପହାସ ତାକୁ,
କାହା ଦୋଷେ
ଅକାଳରେ ଯମର ଡାକରା ?

Digitized by PPRACHIN, SOA

କଅଁଳିଆ ସ୍ୱର ସବୁ
ଏକତାର ଧ୍ୱନି ଦିଏ :
ଆମେ ତ କରିନୁ ପାପ
ଅସଂଖ୍ୟ କଳ୍ପନା ଆମ, କେତେମୁଠା ଶୁଖା ଅଭିଳାଷ
ତୁମରି ସ୍ଲୋଗାନ ଯେତେ
ଆମେ ସବୁ ଜାତି-ଭବିଷ୍ୟତ
ବଇଶାଖୀ ଝାଂଜି ପବନରେ
ସତେ କି ଝାଉଁଳିଯିବ
ବାଛି ନେଇ ଚିର ସତ୍ୟ
ମରଣର ଅଭିପ୍ରେତ ପଥ ?

Digitized by PPRACHIN, SOA

।। ସିଗାରେଟ ।।

ଚିନ୍ତାଶୀଳ ଦୁନିଆରେ ଆମେ ସବୁ ଅଚେତନ
ଆଦିମ ପ୍ରଚେଷ୍ଟା ଆମ, କରିବାକୁ ନିଜକୁ ଶୋଷଣ
ଆମେ ଲେଖୁ ଧୂମପାନ ସ୍ୱାସ୍ଥ୍ୟ ପକ୍ଷେ ନୁହେଁ ହିତକର
ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଆଉ ବିଜ୍ଞାନୀଙ୍କ ଗବେଷଣାଗାର
ଏକେବାରେ ବ୍ୟତିବ୍ୟସ୍ତ
ଧୂମସେବା ସମାଜ କଳଙ୍କ
ଧୂମପାନ ଏ ଜାତିର ଏକ ଧୂମକେତୁ ।

ଅଛି ଯେତେ ଭୟାବହ ବ୍ୟାଧି
ହୃଦ୍‌ରୋଗ ଓ ଯକ୍ଷ୍ମାରୋଗ ମାରାତ୍ମକ କର୍କଟର ଆକ୍ରମଣ
ଶ୍ୱାସନଳୀ, ଖାଦ୍ୟନଳୀ, ଶରୀରର ମାଂସପେଶୀ
ସ୍ନାୟୁ-ଦୁର୍ବଳତା
ଜୀବନର ଅବଧିକୁ କ୍ଷୁଦ୍ର କରି
କୈଶୋର ଯୌବନ ଘୁଞ୍ଚେ, ଡାକିଯାଏ ବାର୍ଦ୍ଧକ୍ୟର ଛବି ।

ସିଗାରେଟ
ସଭ୍ୟତାର ଧ୍ୱଂସ ମାପକାଠି
ସବୁ ଜାଣି, ସବୁ ବୁଝି
ଏ ସଭ୍ୟ ମଣିଷ
ବିଭିନ୍ନ ମାପର କେତେ ସ୍ୱପ୍ନମାଳା ପିନ୍ଧି
ହାତେ ଧରି ଯାଦୁର ରହସ୍ୟ
ସୁନ୍ଦର କୁଣ୍ଡଳୀକୃତ ଧୂମ ପରିବେଶ
କ୍ଷଣକର ଫାଙ୍କା, ହାଲ୍‌କା, ଦୋଳାୟିତ ମନୋଭବ
କରେ ଚିନ୍ତାଶୂନ୍ୟ,
ନିକୋଟିନ ପ୍ରଭବରେ
ଘଡି ପରେ ଘଡି ଯାଏ ପାହି

Digitized by PPRACHIN, SOA

କ୍ଳାନ୍ତି ଓ ବିଷାଦହୀନ ମୁହୂର୍ତ୍ତର ସେଇ କର୍ମଶାଳା
କରେ ଚିନ୍ତାଶୂନ୍ୟ
ଧୂମପାନ,
ଏକ ପ୍ରଚଣ୍ଡ ଶୂନ୍ୟ, ମହାଶୂନ୍ୟ
ସାମୟିକ ଡେଙ୍ଗୀଯାନ, ଧୂମ ବିଷଧାର
ଜରା, ବ୍ୟାଧି କରେ ନିମନ୍ତ୍ରଣ
ତଥାପି ସେ ଅଶାନ୍ତିର କରାଳ ଛାୟାରେ
ଗ୍ରାସି ହେଇ, ପେଷି ହେଇ
କର୍ଦ୍ଦମାକ୍ତ ହେଇ
ଭରପୂର କରେ ସେଇ ଶୂନ୍ୟ ଆସ୍‌ଟ୍ରେଟିକୁ ।

ପ୍ରଶ୍ନ ଉଠେ,
କିଏ ହୁଏ ଭସ୍ମୀଭୂତ ?
ଧଳା ଆଉ ଧୋବ ଫର ଫର
ସିଗାରେଟ ଆଉ ତାର ତାଛଲ୍ୟ କୁଣ୍ଡଳୀ
ନା ଅଶାନ୍ତ ଏକ ଉପଗ୍ରହରୁ ଉପନ୍ନ ସେ
ମାନସିକ ବିକୃତ ମାନବ ?
ବିଜ୍ଞାପନ ବାର୍ଦ୍ଧିବସେ ସତର୍କର ଘଣ୍ଟି
ଏବେ ବି ସମୟର ଡାକରା
ମଞ୍ଚର ଶେଷଦୃଶ୍ୟ
ଯବନିକା ପଡ଼ି ନାହିଁ
ପତନ ପୂର୍ବରୁ
ଧୂମର ସେ ରାକ୍ଷସକୁ, ଅଶାନ୍ତ ସେ ଇଚ୍ଛାକୁ
ନିଃଶେଷ କରି
ବଂଚି ରହେ
ଧ୍ୱଂସର ସେ ପରିକ୍ରମଣରୁ

●

Digitized by PPRACHIN, SOA

॥ ଉଦ୍‌ଘାଟନ ॥

ଆଜି ଏକ ଶୁଭ ଉଦ୍‌ଘାଟନ
ମାଳ ମାଳ ପୁଷ୍ପହାର
ହଳଦିଆ, ଧଳା ଆଉ ଗୋଲାପୀ ରଙ୍ଗର
ରଜନୀଗନ୍ଧାର ବାସ୍ନା
ଖୁବ୍ ମହ ମହ ... ...
ଧାଡ଼ି ଧାଡ଼ି ଫୁଲମାଳ
ରଙ୍ଗ ବେରଙ୍ଗ ଲିଚୁର ଆଲୁଅ
ଶୁଭ କୁମ୍ଭ ଦୁଇ ପାଶେ
କେଉଁ ଏକ ଆଳୟର ଶୁଭ ଉଦ୍‌ଘାଟନ ।

ଅଜଣା ପଥିକ ଗୁହେଁ ରାଜରାସ୍ତା ପରେ
ଧାଡ଼ି ଧାଡ଼ି ନିମନ୍ତ୍ରିତ ଭିଡ଼
ପ୍ରଶ୍ନବାଚୀ ଅର୍ଣ୍ଣିରେ ପୂରେଇ
ଦାଣ୍ଡର ସେ ନିତିଦିନିଆ କୋରଡ଼ିଆ ଆଖିଗୁଡ଼ାଙ୍କର
ଭଙ୍ଗା ଲୁଳା, ଚେପ୍‌ଟା, ବଙ୍କା ଚିଣମାନଙ୍କର ଭିଡ଼
ବୋଧହୁଏ...
ଉଦ୍‌ଘାଟନ ଭୋଜନାଳୟର !

ପୁନଶ୍ଚ
କୃଷ୍ଣମେଘ ହେଲା ଘନକୃଷ୍ଣ
ଖୁବ୍ ଭିଡ଼ ଠେଲାପେଲା
ପାଖ ଗୁ’ ଦୋକାନରୁ ଶସ୍ତା ସିନେମା ଗୀତର ସୁଅ

Digitized by PPRACHIN, SOA

ସିନେମା ଟିକେଟ କଳାବଜାରୀଙ୍କ ଭିଡ଼
ଡିସ୍କୋ ପେଣ୍ଟ, ଲମ୍ବା କଲି, ରଙ୍ଗ ବେରଙ୍ଗ
ଟି ସାର୍ଟଙ୍କ ଭିଡ଼ ।
ରିକ୍ସାମାନଙ୍କର ଲମ୍ବା ଧାଡ଼ି
ଶସ୍ତା ଅତରର ବାସ୍ନା
କେତେ ରଙ୍ଗ ବେରଙ୍ଗ ଶାଢ଼ୀଙ୍କ ଭିଡ଼
ରଜନୀଗନ୍ଧାର ମାଳ, ମାଳ ଧାଡ଼ି ଧାଡ଼ି ଲମ୍ବା ହାର
ବେଶ୍ ସତେଜ
ଏଇଟା ତ ନୁହଁ ପ୍ରେକ୍ଷାଳୟ...

କୃଷ୍ଣମେଘ ହେଲା ଘନକୃଷ୍ଣ
କେତେ ସୁସ୍ଥତାର ଆଶା ନେଇ
ଧାଡ଼ି ଧାଡ଼ି ରୋଗଙ୍କ ଶିକାର
ବୃଦ୍ଧ, ବୃଦ୍ଧା, ଜରାଗ୍ରସ୍ତ, ରୋଗଗ୍ରସ୍ତ
କେତେ ଶିଶୁ, ହାଡ଼ ମାଳ ମାଳ
ଅପୁଷ୍ଟିର ଚିତ୍ରଟିକୁ
ସ୍ୱଶରୀରେ ଚିତ୍ରି
ଧାଡ଼ି ଧାଡ଼ି କଂକାଳର ଭିଡ଼
କରୁଣରୁ କରୁଣ ସେ ସ୍ୱହାଣୀର ଠାଣି
ନିର୍ବାପିତ ଆଶା ଅଗ୍ନିଶିଖା
ଉଦ୍‌ଘାଟିତ ହେବ କେଉଁ ଚିକିତ୍ସା ସଦନ ।

ପୁନଶ୍ଚ
କୃଷ୍ଣମେଘ ହେଲା ଘନକୃଷ୍ଣ
ଲମ୍ବା ଲମ୍ବା ଦାର୍ଢ଼ିଙ୍କର ଭିଡ଼
ଗେରୁଆ ବସ୍ତ୍ରଙ୍କ ଭିଡ଼
ରୁଦ୍ରାକ୍ଷ ଓ ତୁଳସୀମାଳାର ଭିଡ଼
ପରିପକ୍ୱ ଜୀବନର ଭିଡ଼...

Digitized by PPRACHIN, SOA

ନ ଥିଲା ସେଠାରେ ଗୀତା, ବାଇବେଲ ଅବା
କୋରାନର ବାଣୀ
ନ ଥିଲା ବେଦର ମନ୍ତ୍ର, କୋରାନର ଧ୍ୱନି
ଥିଲା ଏକ ଅହେତୁକ ପ୍ରଶ୍ନବାଚୀ
ଚକଚକିଆ ଲାଲରଙ୍ଗର ରିବନ ଫିତାର
ହତାଶାର ବତାସରେ
ଝୁଲି ଝୁଲି ଦୋଳି ଖେଳୁଥାଏ
ମୁକ୍ତି ସ୍ୱପ୍ନ ନେଇ
ହେବ ମୁକ୍ତି କେଉଁ ମୁହୂର୍ତ୍ତରେ ପାଇ
ତୀକ୍ଷ୍ଣ ଲୌହର ପରଶ
ମୁକ୍ତିଦାତା କିଏ ?
ନ ହେଉ ସେ ରାମଚନ୍ଦ୍ର
ମୁକ୍ତି ଦେବ ପାଷାଣ ଅହଲ୍ୟା
ଲାଲ୍ ରିବନ୍ ଝୁଲୁଥାଏ କିନ୍ତୁ
ସେ ସ୍ୱର୍ଣ୍ଣ ଟିକକ ।

●

Digitized by PPRACHIN, SOA

।। ସ୍ଥାପତ୍ୟ ସନ୍ତକ ।।

ପ୍ରାଚୀନ କୀର୍ତ୍ତିର ଲୀଳାଭୂମି
ପୁଣ୍ୟ ଏ ଉତ୍କଳେ,
ଗଙ୍ଗବଂଶର ଅପାଶୋର ସ୍ମୃତି
ହୃତ ଗଉରବ ମୂକସାକ୍ଷୀ
ଏ ଜାତିର ତ୍ୟାଗ, ସ୍ଥାପତ୍ୟର
ସର୍ବୋଚ୍ଚ ସନ୍ତକ
ସଂସ୍କୃତିର ପ୍ରତିବିମ୍ବ
ମହାନ୍ କୋଣାର୍କ...

ସେ ଶିଳ୍ପୀ ବଂଚିଛି ଆଜି
ସ୍ମୃତି ଝଲକରେ, ଯିଏ
ପାଷାଣକୁ କରିଲା ଜୀବିତ
ନିହଣ ମୁନରେ କେତେ ଫୁଟାଇଲା ହୃଦୟର ଭାଷା...
ଉତ୍କଳୀୟ ଭବଧାର
କଳାକାର ଜାତିର ଦର୍ଶନ
କାହିଁ ଗଲେ ସେ ସ୍ଥପତିଗଣ ?

ପୁଣ୍ୟତୋୟା ପ୍ରାଚୀ, ଚନ୍ଦ୍ରଭଗା ଧାର
ପୁରାଣ ପ୍ରଖ୍ୟାତ ସେଇ
ପୁଣ୍ୟ ଅର୍କକ୍ଷେତ୍ର
କିନ୍ତୁ ହାୟ ? ? ?
ସେ କୋଣାର୍କ କାନ୍ଦେ ଆଜି
ମୁଠା ମୁଠା ସାନ୍ତ୍ୱନାର ସ୍ମୃତିସବୁ ଧରି...
ସୋପାନ ବର୍ଷେ ତା
ଶ୍ରାବଣର ଝର ସନ୍ଧ୍ୟା

Digitized by PPRACHIN, SOA

କୁହ ତୁମେ, କୁହ ତୁମେ
ଦିନମଣି...କେବେ ଦେଖାଦେବ ?

କାହିଁ ସେଇ ଭକ୍ତିମତୀ ଗଙ୍ଗମାତା ?
କାହିଁ ସେଇ ବୀର
ଗଙ୍ଗପୁତ୍ର ଲାଙ୍ଗୁଳା ନରସିଂହଦେବ
କୋଣାର୍କ ଝୁରୁଛି ଆଜି
ତାଙ୍କ ନିଷ୍ଠା, ପ୍ରେମ, ଅନୁରାଗ,
ଶିଳ୍ପୀର ଆତ୍ମବିସ୍ମୃତି...
ଯାହା ପାଇଁ ନିର୍ମାଣ ତା କରିଲା ବିନ୍ୟାସ
ଉତ୍କଳର ଅପୂରନ୍ତ ପ୍ରଶାନ୍ତ ଆଲୋକ
ବାରଶ ଶିଳ୍ପୀଙ୍କ ଭାଗ୍ୟ ଗୁନ୍ଥା ଥିଲା
ଗୋଟିଏ ସୂତ୍ରରେ...

ବାରବର୍ଷ ବୟସର ଧରମା ବାଳକ
ପ୍ରସ୍ତର ଗାତ୍ରରେ ଯାର ତନ୍ମୟତା
ସେଇ ଧର୍ମପଦ...
ତ୍ୟାଗର ସେ ଭାସ୍ୱର ପ୍ରତୀକ
ଧନ୍ୟ ସେ ବାଳକ
ଏ ଜାତି ଆଦର୍ଶ
ନିଜେ ମରି...ବଂଚାଇଲା ଜାତିର ମହତ
ଶିଳ୍ପୀର ମହତ...
ପ୍ରଶ୍ନବାଚୀ ?
ସେ କଳା ଯାଇଛି ହଜି
କାହା ହସ୍ତ ସ୍ପର୍ଶେ
ବାଲୁକା ଦିଗନ୍ତ ଗ୍ରହେ
ଶବ୍ଦ ଆଉ ଆଲୋକର ପଥେ ।

●

Digitized by PPRACHIN, SOA

।। ବିଜ୍ଞାନର କରାମତି ।।

ବିଜ୍ଞାନ ଯୁଗର
ଶାନ୍ତିକାମୀ ବୈଜ୍ଞାନିକ
ସ୍ୱପ୍ନ ସବୁ କରିଛି ବାସ୍ତବ;
ଆକାଶର କଇଁ ଆଉ ଚିଲିକାର ମାଛ
ଆଜି ତ କଳ୍ପନା ନୁହେଁ
ଆଶାବାଦୀ ବିଜ୍ଞାନୀର ଇଏ ବି ବାସ୍ତବ ରୂପ
ସୌନ୍ଦର୍ଯ୍ୟର ଉପମା ସମୁଦ୍ର
ଉପଗ୍ରହ ଚନ୍ଦ୍ର ଆମ ପୂଜାର ଦେବତା
ଦେବଲୋକ ନମସ୍ୟ ନମସ୍ୟ
ଅଧିକାର ଚେଷ୍ଟା ନେଇ
ତା ପୃଷ୍ଠକୁ ଯାତ୍ରା
ମହାକାଶଗ୍ରରୀ ଅଭିଯାନ
ଚନ୍ଦ୍ରର ସେ ପର୍ବତ ଗହ୍ୱର
ପ୍ରାଣୀଶୂନ୍ୟ, ସବୁଜ ବିହୀନ
ବସତି ପ୍ରତିଷ୍ଠା ପାଇଁ ଅଦମ୍ୟ ପ୍ରେରଣା
ବାରଂବାର କଲେ ଅଭିଯାନ
ବିଶ୍ୱ ଆଜି ସଂକୁଚିତ
ସୀମାହୀନ ପଥ ଆଜି
ନୁହଁଇ ଦୁରୂହ
ଜଳ, ସ୍ଥଳ, ଆକାଶର ମାର୍ଗ
ଦୁଷ୍ପ୍ରାପ୍ୟ ସୁଯୋଗ ଆଜି ପୃଥିବୀ ବକ୍ଷରେ
ରୋମାଣ୍ଟିକ୍ ଚେତନାର କେନ୍ଦ୍ରବିନ୍ଦୁ ଦେଇ
ଏ ମଣିଷ ଆଜି ଅଗ୍ରସର ।

Digitized by PPRACHIN, SOA

ହେ ବିଜ୍ଞାନୀ, ତୁମ ସୃଷ୍ଟି
ଅମୃତ ଓ ବିଷ
ପ୍ରାଚୁର୍ଯ୍ୟର ବର୍ଣ୍ଣାଳୀ ମଧ୍ୟରେ
ସୀମାହୀନ ହତାଶା ଓ ନୈରାଶ୍ୟ ନଦୀରେ
ଆଣବିକ ଶକ୍ତି-ବିଷ
ପରମାଣୁ ଯୁଦ୍ଧର ଆତଙ୍କ
ସୃଷ୍ଟିରେ ପ୍ରଳୟ ହେବ,
ଧ୍ୱଂସ ହେବ ଦେଶ ପରେ ଦେଶ !

ଏ ମଣିଷ ଆଜି ଆତଙ୍କିତ
ଚତୁର୍ଦ୍ଦିଗେ ବିଷର ପ୍ରଭବ;
କହ କହ, କେ ପାରିବ ମାପି
ସେ ଯନ୍ତ୍ରଣା ବେସୁର ରାଗିଣୀ
ଅନାବୃଷ୍ଟି
ଅଂଧକାର...ଅଂଧପଥ
ଧୂମର ପଟଳ
ଉଲ୍‌କାପାତ, ଭୂମିକମ୍ପ, ବାତ୍ୟାର ପ୍ରକୋପ...
ଲୁପ୍ତ ପାଇଟିଯିବ ଶୀତଳ ଭଣ୍ଡାର
ମଉଳିବ ଆଲୋକର ସ୍ୱପ୍ନ, ତା'ର ଭାବୀ ବଂଶଧର
ଯୁଗ ଯୁଗ, ବର୍ଷ ବର୍ଷ ଧରି
ହେବେ ବିକଳାଙ୍ଗ ।

ମାତୃତ୍ୱର ଅହଂକାର ଝାଉଁଳି ପଡ଼ିବ
ମା'ଆର ସ୍ତନରେ ଭରିଯିବ ବିଷର ପାନୀୟ
ମା'ଳ ମାଳ ବନ୍ଧ୍ୟା ନାରୀ
ନ ଦେଖିବେ ଶିଶୁର ବଦନ

Digitized by PPRACHIN, SOA

ଏ ସମସ୍ୟା ଲାଗିଥିବ ଯୁଗ ଯୁଗ ଧରି
ସେ ମାଟିରେ ସୁସ୍ଥ ଶିଶୁ ନ ଜନ୍ମିବେ କେବେ ।

ହେ ବିଜ୍ଞାନୀ...
ତୁମ ସୃଷ୍ଟି ପରମାଣୁ ଶକ୍ତି
ବିଶ୍ୱରେ ଆତଙ୍କ ଆଣେ
ନାଗାସାକି, ହିରୋସିମା ଚିତ୍ର ସବୁ
କରୁଛି ଉଦ୍‌ବିଗ୍ନ
ପରମାଣୁ ଶକ୍ତି କେବେ ନୋହୁ ଧ୍ୱଂସମୁଖୀ
ମାନବ ସଭ୍ୟତା ବଂଚୁ
ବଂଚନ୍ତୁ ତା ଭବୀ ବଂଶଧର ।

●

Digitized by PPRACHIN, SOA

।। ବିଜ୍ଞାନର ଜୟଯାତ୍ରା ।।

ସ୍ୱେଦବିନ୍ଦୁ ଢାଳି ଢାଳି ଗବେଷଣାଗାରେ
କେତେ କେତେ ନୂଆ ସ୍ୱପ୍ନ, ନୂଆ ଆବିଷ୍କାର
କୃତ୍ରିମ ଉପଗ୍ରହସବୁ
ଏ ଥର ବୁଝିବେ
ଆମ ଭଲ-ମନ୍ଦ ।
ଆମ ଖାଦ୍ୟ, ଆମରି ଫସଲ
ତଦାରଖ କରୁଥିବ
ଉପଗ୍ରହ ଦେଇଥିବା ଲେଜର ରଶ୍ମିରେ;
ସିଏ ହେବ ଉର୍ଦ୍ଧିଦଙ୍କ ସୁଖ-ଦୁଃଖ-ସାଥି
ସିଏ ଦେବ ବାର୍ତ୍ତା
ସବୁଜ କ୍ଷେତର ଯେତେ ଭଲମନ୍ଦ ବାଣୀ ।

ସେ ଲେଜର ରଶ୍ମୀ
ହୃଦ୍‌ରୋଗୀର ପ୍ରାଣରକ୍ଷାକାରୀ
ନିମିଷକେ ରକ୍ତର ଜମାଟ
ହେବ ଉପଶମ...
ରୋଗ-ରୋଗୀ-ଚିକିତ୍ସକ ସମ୍ପର୍କ ଭିତରେ
ନୂଆ ନୂଆ କେତେ ଉଦ୍ଭାବନ
ଯନ୍ତ୍ର ପୁଣି ରୋଗ ଚିହ୍ନି କରେ ଉପଚାର,
କମ୍ପ୍ୟୁଟର କରେ
ଭଲ-ମନ୍ଦ, ଗାଣିତିକ ହିସାବ ନିକାଶ
ଜଟିଳ ସମସ୍ୟା ସବୁ କରି ସମାଧାନ

Digitized by PPRACHIN, SOA

କମ୍ପ୍ୟୁଟର ହୁଏ ଚିନ୍ତାମଗ୍ନ
ତୀକ୍ଷ୍ଣ, ସ୍ଥାୟୀ ସ୍ମୃତିଶକ୍ତି
କରଇ ବିଗ୍ଭର ।

ବିଜ୍ଞାନୀର ଚିନ୍ତାଧାର
ନୁହେଁ ସ୍ଥିର, ନୁହେଁ ସୀମାବଦ୍ଧ...
ପ୍ରକୃତିକୁ ଖଣ୍ଡ ଖଣ୍ଡ କରି
ଦୁର୍ଗମ ଯାତ୍ରାକୁ ସିଏ କରଇ ସଫଳ ।
ଯନ୍ତ୍ର-ମାନବ ଆଜି ମାନବ ସେବାରେ
ଅସାଧ୍ୟକୁ କରିଅଛି ସାଧ୍ୟ
ଗେବଟ ସେବିକା ସାଜେ
ସେବାର ସେ ଚଂଚଳ ଅଂଗୁଳି
ସଦା କର୍ମରତ; କିନ୍ତୁ
ସେବାକୁ ସେ କରି ମୂଳମନ୍ତ୍ର
ମା'ର ସେ ମିଠାହସ, ସେବିକାର
ମିଠାକଥା
ଯନ୍ତ୍ର ପକ୍ଷେ ହେବ କି ସମ୍ଭବ ?

ସେ ଯନ୍ତ୍ର-ମାନବ
ଅପରେସନ୍ କରି ଗ୍ଭଲେ
ସର୍ଜନଙ୍କ ଇଙ୍ଗିତରେ; ଏବଂ
କେବଳ ସେତିକି ନୁହେଁ,
ସେ ଯନ୍ତ୍ର-ମାନବ
ନିଜେ ସାଜି ପୁରୋହିତ
ବିବାହର ପବିତ୍ର ବଂଧନେ
ଦମ୍ପତିକୁ କରେ ଆଶୀର୍ବାଦ
ଯାତ୍ରାପଥ ହେଉ କୁସୁମିତ ।

Digitized by PPRACHIN, SOA

ସାଗରବାସିନ୍ଦା ଯେତେ ଅଛନ୍ତି ମସେଲ୍
ସିଏ ଦେବେ ସାଗର ସନ୍ଦେଶ
ଦୂଷିତ ପଦାର୍ଥ ସବୁ ନିଜ ଅଙ୍ଗେ ନେଇ
ମହାସାଗରର ସାଥି ସାମାନ୍ୟ ମସେଲ୍
ହୃଦ୍‌ଯନ୍ତ୍ରର କାର୍ଯ୍ୟକ୍ରମ, ଧମନୀ ଦକ୍ଷତା
ଔଷଧର ପ୍ରତିକ୍ରିୟା ହୃତ୍‌ପିଣ୍ଡ ଉପରେ
ଫୁସ୍‌ଫୁସର ସୂକ୍ଷ୍ମ ଛନ୍ଦ
ନିରୂପଣ, ଗଣନା ପଦ୍ଧତି
ବିଜ୍ଞାନୀର ଆବିଷ୍କାର
ସାଇନେ ଓ ଗ୍ରାଫ୍ ପଲସ୍ ମନିଟର
ଅନ୍ଧ ଆଉ ବାଟବଣା ନୁହେଁ
ଇଲେକ୍‌ଟ୍ରୋନିକ୍ ଚକ୍ଷୁ ତାର, ଆଜି ଦିବ୍ୟ ଚକ୍ଷୁ
ବିଶ୍ୱକୁ ସେ ଦେଖେ ଆଜି
ଶାନ୍ତିର ମନ୍ତ୍ରରେ...
ବିଶ୍ୱବାଣୀ—ବିଜ୍ଞାନର ଜୟଯାତ୍ରା
ପ୍ରତି ମୁହୂର୍ତ୍ତରେ ।

●

Digitized by PPRACHIN, SOA

॥ ବାର୍ଦ୍ଧକ୍ୟ ॥

ବୈଜ୍ଞାନିକ ଗବେଷଣା-ମନ୍ଦିର ଭିତରେ
ଧନ୍ୟସେ ପୂଜକଗଣ
ଗୁନ୍ଥିଦେଲେ ବୟସକୁ ଜୀବନ-ମାଳାରେ
ବଂଚିବାର ସୀମା
ଧୀରେ ବୃଦ୍ଧିକରି
ବିଜ୍ଞାନୀର ପ୍ରଚେଷ୍ଟା ଭିତରେ
ଧନ୍ୟ ସେ ସାଧକଗଣ
ଏ ବିଶ୍ୱରେ ବିଂଚିଦେଲେ ଆଜି
ମେଳା ମେଳା ବର୍ଷିୟାନ ଲୋକ
ବଂଚିବା ସ୍ୱାଗତଯୋଗ୍ୟ, କିନ୍ତୁ ବାର୍ଦ୍ଧକ୍ୟର
ରହସ୍ୟକୁ ଅଣ୍ଡାଳି ଅଣ୍ଡାଳି
ବଡ଼ ଏକ ପ୍ରଶ୍ନବାଚୀ ରଖି
ଜୀବନରେ ଯନ୍ତ୍ରଣାର ବର୍ଷଗୁଡ଼ା ଖାଲି
ଗୁନ୍ଥିଦିଅ ଯଦି
ବର୍ଷୀୟାନ ହେବ ନିଶ୍ଚେ ରୋଗର ଶୀକାର ।

ପୁରାତନ ରୋଗ ସବୁ ଉଙ୍କିମାରେ
ଦ୍ୱିତୀଆର ଚାନ୍ଦ ପରି
ବାଦଲ ଭିତରୁ,
ଓ ବାର୍ଦ୍ଧକ୍ୟ କରେ ନିମନ୍ତ୍ରଣ
ନୂଆ କେତେ ପୁରୁଣା ରୋଗଙ୍କୁ
ରକ୍ତ ଚାପ, ହୃଦ୍‌ରୋଗ, ମଧୁମେହ ଏବଂ

Digitized by PPRACHIN, SOA

ଅବସର କରେ ମେଦ ବୃଦ୍ଧି
ରକ୍ତର ସ୍ରୋତରେ ଭସେ ଚର୍ବିର ତରଣୀ
ସ୍ନାୟୁ ଦୁର୍ବଳତା...
ହାତ ପାଦ ହୁଏ ଥର ଥର
ଶରୀରର ପ୍ରତି ଯନ୍ତ୍ର ଏପରି କି ରକ୍ତର କଣିକା
ସବୁବେଳେ ଭୀତତ୍ରସ୍ତ
କର୍କଟର ଆକ୍ରମଣ ନେଇ ।

ମାନସିକ ଅସ୍ଥିରତା କରେ ବିଚଳିତ
ହୁଏ ମତିଭ୍ରମ ଏବଂ ପାହିଯାଏ ବିନିଦ୍ର ରଜନୀ
ନିଜକୁ ନିଜେ ବି ଭୁଲି, ନିଜ ଅଂଗ ନିଜେ ଖୋଜି ବୁଲେ
ଚନ୍ଦ୍ରକୁ ଯମଜ କରେ
ଦୁନିଆଟା ଠିଆ ହୁଏ ଯମଜ ରୂପରେ
ନିଦାନର ଯେତେ ବ୍ୟାଧି, ସେ ସବୁର କୋପଦୃଷ୍ଟି
ଝରି ଆସେ ବାର୍ଦ୍ଧକ୍ୟର ସରଳ ପଥରେ
ସୁନ୍ଦର ସେ ମଲ୍ଲୀକଢ଼ ହସ
ଇଚ୍ଛାରେ ଦୋହଲୁଥାଏ ଅବା ଝରିପଡ଼େ
ଚକ୍ ଚକ ଚର୍ମର ଡାକୁଣୀ
ମନ ମାରି ଭଂଗ ପଡ଼ିଯାଏ ।

ଶରୀରର ଛୋଟ ବଡ଼ ଯନ୍ତ୍ରପାତି ସବୁ
ଧୀରେ ଧୀରେ କଳଙ୍କ ଧରଇ
ମନର କଳଙ୍କ ସଙ୍ଗେ ଯନ୍ତ୍ରର କଳଙ୍କ
ସବୁବେଳେ କରେ ଭୀତତ୍ରସ୍ତ;
କେବଳ ଏତିକି ନୁହେଁ
ଚଲାପଥ ବହୁତ ଖସଡ଼ା

Digitized by PPRACHIN, SOA

ଦୃଷ୍ଟି ଆଉ ଶ୍ରବଣର ଦୁର୍ବଳତା ମଧ୍ୟେ
ଅପ୍ରସ୍ତୁମାରୀ ଦୈବୀ-ଦୁର୍ଘଟଣା,
ଅସ୍ଥି ସବୁ ବଳହୀନ
ଦୁର୍ଘଟଣା କରେ ପଗଭୂତ,
ଓଃ, ଦୁର୍ବିସହ ସେ ପ୍ରକାର ବାଟଚଲ୍ଲା, ଯହିଁ
ଯଷ୍ଟି ହୁଏ ବାଟଚଲ୍ଲା ସାଥି ।

ଏଇ ଯେଉଁ ଭୟାନକ ଶତ୍ରୁ
ରୋଗ ବ୍ୟାଧି, ମେଦ ବୃଦ୍ଧି
ଆକସ୍ମିକ ଦୁର୍ଘଟଣା ଯେତେ
ବାର୍ଦ୍ଧକ୍ୟରୁ ସତେ କଣ ଆଜି ବହୁ ଦୂରେ ?
ବୟସର ଗତିରେ ଶକ୍ତି ସବୁ
ସୀମା ବହିର୍ଭୂତ ।
ଖାଦ୍ୟପେୟ ହୁଅଇ ସୀମିତ
ବାରମ୍ବାର ଶୁଭେ କ୍ଷେତ୍ରୁ
ଚିକିତ୍ସକ ବାଣୀ :
ସୁଷମ, ସରଳ ଖାଦ୍ୟ, କାଲୋରିଟି
ପୂର କଣ୍ଟା କଣ୍ଟି ।

ଶୂକୁଟା ମୁହଁରେ ପଶେ ନୁଖୁରା ଆହାର
ଡନ୍‌ଲପ୍ ଶେଜ ଫିଙ୍ଗି ଭୂମୀରେ ଶୟନ
ତଥାପି ଚିକିତ୍ସା କ୍ଷେତ୍ରୁ ବାରଂବାର
ତାଗିଦାର ବାଣୀ :
ମାନସିକ ଶାନ୍ତି ପାଇଁ ଯୌଗିକ ଆସନ
ଆମ ରାଜ୍ୟେ ବୃଦ୍ଧ କିଏ ନୁହଁ,
କେହି ନୁହେଁ ରୋଗର ଶିକାର
ସମାଜର କ୍ଷୁଦ୍ର ଶିଶୁ ସିଏ

Digitized by PPRACHIN, SOA

ଗୃହେଁ ଯିଏ ଯତ୍ନ, ସ୍ନେହ, ତ୍ୟାଗପୂତ ସେବା
ତା ଦେହର ରୋଗ, କଷ୍ଟ, ସୁଖ, ଦୁଃଖ
ଯନ୍ତ୍ରଣା କାଳିମା ...
ବିଜ୍ଞାନର ଇନ୍ଦ୍ରଜାଲ ସ୍ପର୍ଶେ
ମିଳିବ କି ବିଜ୍ଞାନର ଶାଶ୍ୱତ ଆଧାରେ ?

●

Digitized by PPRACHIN, SOA

॥ ପୂର୍ଣ୍ଣିତାର ଦ୍ୟୋତକ ॥

ବର୍ଷ ବର୍ଷ ଘର୍ମାପ୍ଲୁତ ଶ୍ରମ ଓ ଉତ୍କଣ୍ଠା
ସୃଷ୍ଟିର ରହସ୍ୟ ସବୁ ବ୍ୟବଚ୍ଛେଦ କରି
ତୁମେ ଗ୍ରହି ବାସ୍ତବତା
ବଂଚିବାର
ପୂର୍ଣ୍ଣତର ଦ୍ୟୋତକମଣ୍ଡଳୀ
ଶିଶୁର ସେ ମନଭୁଲ ଜହ୍ନମାମୁଁ ଘର
କରିଦେଲ ଜୟଯାତ୍ରା ବାରଂବାର
ଜ୍ୟୋତ୍ସ୍ନାର ସେ ଝିଲ୍ ମିଲ୍
ସ୍ୱପ୍ନର ଆକାଶ
ହାର୍ ଆଜି ମାନିଯାଏ ନିୟନ ଆଲୋକେ ଏବଂ
ପ୍ରଗତନ ମୁହୂର୍ତ୍ତର ହୁଏ ମୃତ୍ୟୁ !

ତୁମେ ଯେତେ ବିଜ୍ଞାନୀର ଦଳ
ତ୍ୟାଗର ହିମାଦ୍ରି ସାଜି
ସମୟର ଛକ ଛକ ସରନ୍ତି ପଥରେ
ବୟସର ପାହାଚକୁ କଲ ଅତିକ୍ରମ,
ଦେଖିଲନି ଜୀବନରେ ଉଷାର କିରଣ
ଯେତେ ଯେତେ ଶୁଭଙ୍କର ମୁହୂର୍ତ୍ତମାନଙ୍କୁ
ଉଷା ମଧୁ, ଅଳସ ମଧ୍ୟାହ୍ନ
ପ୍ରୀତିଭରା, ସନ୍ଧ୍ୟାର ସପନ
ସବୁ ଥିଲା ତୁମର ସେ ବିଜ୍ଞାନାଗାରରେ,
ନୂତନକୁ ଖୋଜିବାରେ କେତେ ଆତ୍ମତୃପ୍ତି
ଖୋଜି ଖୋଜି ବିତାଇଲ ଜୀବନର ନିରୀହ ମୁହୂର୍ତ୍ତ;
ତୁମ ସଫଳତା
ସମୟର ବିବର୍ତ୍ତନ ମଧ୍ୟେ

Digitized by PPRACHIN, SOA

ଅନାଗତ ଆତ୍ମାର ଓଁକାର ଧ୍ୱନି
ଅଭିନବ ଉଦ୍‌ଭବନମାଳା
ଅସାଧ୍ୟକୁ କରିଛି ସାଧନ
ତୁମରି ଚେଷ୍ଟାରେ
ଏ ମଣିଷ ବିଜ୍ଞାନର ଦାସ ।

ବଂଚିବାର କେତେ ସ୍ୱାଦ ନେଇ
ମୁହୂର୍ତ୍ତକୁ କରିଛି ବିଜୟ
ନିତି କେତେ ନୂତନ ବୁଭୁକ୍ଷା...
ଅନ୍ନ, ବସ୍ତ୍ର, ବାସ
ବିଳାସର ଯେତେ ଯେତେ ସ୍ତର
ରୋଗ ବ୍ୟାଧି ଚିକିତ୍ସା କ୍ଷେତ୍ରରେ
ଏ ସମାଜ ଭୀତତ୍ରସ୍ତ ନୁହେଁ
ଦୂରାରୋଗ୍ୟ, ମହାବ୍ୟାଧି
କୁଷ୍ଠ, ଯକ୍ଷ୍ମା, କର୍କଟ ଆତଙ୍କ
ପ୍ରତିଷେଧ, ପ୍ରତିରୋଧ କରେ;
ଦୂରାରୋଗ୍ୟ ହେଲା ନିୟନ୍ତ୍ରିତ ଓ ରକ୍ତର
ଆର୍ଣ୍ଣିଜେନ୍ ସବୁ
ଜଣେଇଲା ବ୍ୟାଧିର ସୂଚନା, ଯାହା
ହୋଇପାରେ ସ୍ୱପ୍ନ, କିନ୍ତୁ
ସତ୍ୟ ।

ଯିଏ ଯା'ର ସୀମିତ କ୍ଷେତ୍ରରେ
ଗୋଟିଏ ପୃଥିବୀ କଲା
ପୂର୍ଣ୍ଣତାର ହେ ସନ୍ଧାନୀଗଣ !
ତଥାପି ତ
ଶତାବ୍ଦୀର ଯନ୍ତ୍ରଣା ଭିତରେ
ଏ ମଣିଷ ଆଜି ଅସହାୟ ।

●

Digitized by PPRACHIN, SOA

॥ ପରିବେଶ ॥

ପରିବେଶ ପରିମଳ
ଜୀବନର ଏକ ଗୁବିକାଠି
କ୍ଷୀର ଓ ନୀରର ସିଏ ଅବିଚ୍ଛେଦ୍ୟ ସୂତ୍ର
ରୋଗ, ରୋଗୀ ସୁସ୍ଥ ଓ ଅସୁସ୍ଥ
ଅଜ୍ଞତା ଓ ଅବହେଳା ପରିଧି ମଧ୍ୟରେ
ଶାନ୍ତି ସଉଧର
ଧ୍ୱଂସକାରୀ ସେ କଳାପାହାଡ଼
ଆଣିଦିଏ ଜୀବନରେ ଅଶନୀ ସଙ୍କେତ
ନିରଙ୍କୁଶ ସୁଖ-ସ୍ୱପ୍ନ
ମହଳଣ ପଡ଼େ ଏବଂ
ନିରୋଗର ଖୋଳ ମଧ୍ୟେ
ଉର୍ଦ୍ଧି ମାରେ କେଉଁ ଯକ୍ଷ୍ମାରୋଗୀ
ଓ ନିକିତି ତୌଳି ଧରେ
ସୁସ୍ଥ ଓ ଅସୁସ୍ଥ ଯେତେ ନରନାରୀ, ତା' ପରିବେଶ ।

ପ୍ରଶ୍ନ ଉଠେ କିଏ ଦାୟୀ ?
ମାନବ ନା ତା'ର ପରିବେଶ ?
ନିଦାନର ଗବେଷଣାଗାରେ
ଧରାପଡ଼େ ରୋଗର କାରଣ
ରୋଗୀ ଆସେ ପରୀକ୍ଷାଗାରକୁ
ସେଇ ପରିବେଶ
ଯାହା ପାଇଁ
ସେଠି ହାରମାନେ ବିଜ୍ଞାନର କୁତବମୀନାର ।

Digitized by PPRACHIN, SOA

କିଏ କହ, କଳୁଷିତ କଲା
ଏ ସ୍ବଚ୍ଛ ବେଷ୍ଟନୀ ?
ପରିମଳ ପରିବେଶ
ପୂରପୂରି ସ୍ବାସ୍ଥ୍ୟରକ୍ଷା ଗ୍ରବିକାଠି
ଜୀବନରେ ବଂଚିବାର ଯେଉଁ ମାନଦଣ୍ଡ
ସବୁକିଛି ଗଢ଼ିଉଠେ ସମାଜର ଏଇ ଦୃଷ୍ଟିକୋଣୁ
ସମ୍ପର୍କର ସୂତାଖିଅ
ପରିପୁଷ୍ଟ ଜ୍ଞାନର ଭଣ୍ଡାର
ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଆଜି ଦିଅଇ ଡାକରା
ସବୁ ମୂଳେ ସ୍ବଚ୍ଛ ପରିବେଶ ।

ବଂଚିବାର ସୀମାରେଖା ଉନ୍ନତିର ପଥେ
ବିଶ୍ୱର ଡାକରା
ମଣିଷ ବଂଚିବ ଆଜି ମଣିଷର ପରି
ପୁରାତନ ସମସ୍ୟାର ହୁଏ ସମାଧାନ ଏବଂ
ଶାନ୍ତି-ମୈତ୍ରୀ ବାଲିବନ୍ଧ ଭାଙ୍ଗିପଡ଼େ
ବାସ୍ତବତାର ନିଷ୍ଠୁର ପୀଡ଼ନେ
ପୁଣି ଚେଇଁ ଉଠେ ନୂଆ ନୂଆ
ସମସ୍ୟାର ଉତୁଙ୍ଗ ପାହାଡ଼
ସହରର ଗ୍ରକଚକ୍ୟ, ଧୂଳିଝଡ଼
ରକ୍ତାଭ ଧାତୁର ରଶ୍ମି
ଓ ରଂଜନ-ରଶ୍ମି
କଳ-କାରଖାନା
ଧୂମପୂର୍ଣ୍ଣ ସୁନୀଳ ଆକାଶ
ଦୂଷିତ ବିଷାକ୍ତ ସେ ପରିବେଶ
ଅମାପ ସମସ୍ୟା ସୃଷ୍ଟି
ଜୀବନର ଯାତ୍ରାପଥେ

Digitized by PPRACHIN, SOA

ସମସ୍ୟାର ବଇଶାଖୀ ଝଡ଼
ଜୟ ପରଜୟର ସେ ଲମ୍ବା ଚୌଡ଼ା ରାସ୍ତା
ଦିନୁ ଦିନ ହୁଅଇ ସଙ୍କୀର୍ଣ୍ଣ
ମାନବବାଦର ମୃତ୍ୟୁ ଘଟିଅଛି
ଜୀବାଣୁ ଓ ପରମାଣୁ ବୋମା ସ୍ତୁପ ତଳେ
ସଦ୍ୟଜାତ ଶିଶୁ ଦେଖେ
ଧ୍ୱଂସର କରାଳ ଶିଖା,
ସର୍ବେ ମିଳି ପରିବେଶ ପରିମଳ କରିବା ପ୍ରସ୍ତର,
ତେବେ ଯାଇ ହେବ ସିନା
ମାନବ ଉଦ୍ଧାର ।

●

Digitized by PPRACHIN, SOA

॥ ଜୀବନର ରକ୍ଷାକବଚ ॥

ଯାଜ୍ଞସେନୀ କରିଥିଲ ପଣ
ରହିବ ମୁକୁଳା କେଶ
ନ ବୋଳିଲେ ସେଥିରେ ସେ ଦୁଃଶାସନ ରକ୍ତ
ନିଜ ରକ୍ତ ଢାଳିଦେଇ ମା' ମାଟିପରେ
ଆଣିଲେ ଯେ ଏ ଦେଶ ମୁକତି
ହେଲେ ଆଜି ଜାତିର ଶହୀଦ
ଲାଲ୍ ଚିହ୍ନ ବିପଦ ସଙ୍କେତ,
ତଥାପି ତ ଶରୀର ସତେଜ ରହେ
ବଂଚିଯାଏ ରକ୍ତର ତେଜରେ
ରକ୍ତ କରେ ସବୁ ଫଇସାଲ
ରକ୍ତର ହିଁ ପଣ ରଖି ସଗ୍ରାମୀ ଶପଥ ନିଏ
ରକ୍ତ, ପ୍ରାଣ...
ରହେ ଏକ ସରଳରେଖାରେ ।

ଏ ମାନବ ଆଦିମ ଯୁଗରେ
କରୁଥିଲ ରକ୍ତପାନ
ବଂଚିବାର ସ୍ୱାଦ, ଯିଏ ତି ବାଜିରଖି
ଏ ଯୁଗର
ଅସ୍ଥି, ଶଲ୍ୟ, ପ୍ରସୂତୀ ଓ ଭେଷଜ ବିଜ୍ଞାନୀ
ଦିଅନ୍ତି ଡାକରା;
ସ୍ୱେଚ୍ଛାକୃତ ରକ୍ତଦାନ
ମହାନ ଓ ଜାତିର କଲ୍ୟାଣ, ପୁଣି
ଜୀବନର ସେ ରକ୍ଷା-କବଚ

Digitized by PPRACHIN, SOA

ଅଠରଶ ଅଠରର
ନମସ୍ୟା ସେ ସ୍ୱୀଗେଗ ବିଶେଷଜ୍ଞ
ଜେ–ବ୍ଲୁଣ୍ଡେଲ୍
ଅପୂର୍ବ ସାଫଲ୍ୟମାଳା ମଣ୍ଡିଲେ ଧରାରେ
କରି ରକ୍ତଦାନ...
ବିଂଶ ଶତାବ୍ଦୀର ଆଗମନୀ ନେଇ
ବିଜ୍ଞାନୀ ଲେଣ୍ଡ ଷ୍ଟାଇନର
କରିଥିଲେ ରକ୍ତର ବିଭଗୀକରଣ ।

ଏ ମାନବ, ମୃତ୍ୟୁ-ସଚେତନ
ରଣକ୍ଷେତ୍ରେ ଯନ୍ତ୍ରଣାର ଭର ସରୋବରେ
ମରଣ ଦୁଆରେ
ସୈନିକର ବଂଚିବାର ସଫଳ ସପନ
କଲା ଏଇ ରକ୍ତଦାନ
ବଂଚିବାର ରକ୍ଷା-କବଚ
ବିଜ୍ଞାନର ଜୟଯାତ୍ରା
ବିଜ୍ଞାନୀର ଅବିରତ ଚେଷ୍ଟା
ଜନ୍ମଦେଲା କେତେ କେତେ
ନୂଆ ଉଦ୍ଧୀପନା–
ସୃଷ୍ଟି ଏଇ ରକ୍ତର ଭଣ୍ଡାର
ଦାତାର ରକ୍ତରେ
ରକ୍ଷା ପାଏ ଅମୂଲ୍ୟ ଜୀବନ
କିନ୍ତୁ ହାୟଃ
ତେଲ-ଲୁଣ ସଂସାରରେ ତିଷ୍ଠିବାକୁ
ଖଟିଖିଆ, ରିକ୍ସାବାଲା, ଦିନ-ମଜୁରିଆ
ରକ୍ତ ବିକି ଚଳାଏ ଜୀବିକା
ଭଲ-ମନ୍ଦ ଗୁଣାତ୍ମକ ଦିଗ ତା ପୃଷ୍ଠାରେ

Digitized by PPRACHIN, SOA

ଅଲେଖା ରହିଛି
ବଂଚିବାର ଆଶା ନେଇ
ଅର୍ଥ ଖୋଜିବୁଲେ
ଓ ରକ୍ତର କିଣା ବିକା, ରକ୍ତରେ ଜୀବିକା
ଦେଶ ପକ୍ଷେ ନିଶ୍ଚିତ କଳଙ୍କ
ଗ୍ରହୀତାର ସମ୍ମୁଖରେ କେତେ ପ୍ରଶ୍ନବାଚୀ
ଜୀବନରକ୍ଷା ସତ୍ୟ
କିନ୍ତୁ ?......
ଦାତା ଯଦି ରୋଗଗ୍ରସ୍ତ
ଗ୍ରହୀତାର ଦୁର୍ଦ୍ଦିନ ସଙ୍କେତ ।

●

Digitized by PPRACHIN, SOA

।। ମହାନ୍‌ର ମହାଯାତ୍ରା ।।

ମହାନ୍‌ର—ମହାଯାତ୍ରା
ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ସେନାପତି
ନବ ଉତ୍କଳର କାରିଗର
ସଂଗ୍ରାମୀ ନେତା
ଏ ଜାତିର ପ୍ରାଣର କୋଣାର୍କ
ଅଜସ୍ର ସ୍ୱପ୍ନର କାବ୍ୟ
ପ୍ରଚଣ୍ଡ ବ୍ୟକ୍ତିତ୍ୱ ତବ ଉତ୍ସାହର ସ୍ରୋତ
ବଜ୍ରଠାରୁ ବଳି ଯା'ର ନିଷ୍ଠାର ବାର୍ତ୍ତା
ଅନ୍ୟାୟ ବିରୁଦ୍ଧେ ଯାର କଲମର ମୂନ
କର୍ମଯୋଗୀ ନିରଳସ ଏ ଜାତିର ସୂର୍ଯ୍ୟ
ଦେଶପାଇଁ, ଜାତିପାଇଁ ଯନ୍ତ୍ରଣା ଭିତରେ
ତୁମେ ତ ଜଳି ରହିଲ ଅଖଣ୍ଡ ପ୍ରଦୀପ
ଆବାଳବୃଦ୍ଧବନିତା
ପ୍ରଶ୍ନ କରେ, ଖୋଜି ବୁଲେ,
କାହିଁ ଗଲେ ଚାଲି ଆମ ଉତ୍କଳର ଭୀଷ୍ମ ?

ତୁମ ବିନା ଏ ଆକାଶ ଅଂଧକାର ଆଜି
ଚନ୍ଦ୍ରମା ତ ରାହୁଗ୍ରସ୍ତ
ଏ ଜାତି ପ୍ରାଣର ନେତା
ଖୋଜୁଛୁ ତୁମକୁ ଆଜି
ଲୁହଭରା ଉର୍ମିମାଳେ
ସଙ୍ଗୁହୀନ ତପନ କୋଳରେ
ତମେ ବାଇମୁଣ୍ଡି

Digitized by PPRACHIN, SOA

ତମେ କୋଣାରକ
ଝୁରି ଝୁରି ଶିରୀହୀନ
ଚତୁର୍ଦ୍ଦିଗେ ହାୟଃ ହାୟଃ
ତୁମ ବିୟୋଗରେ
ତୁମେ ଥିଇ ଏ ଜାତିର ଆଶାବାଡ଼ି
କୁହ ତେବେ, ଆଶ୍ରାହୀନ କୋଟି କୋଟି
ପାଦମାନେ ଚଳିବେ କିପରି ?

ତୁମର ସେ ଖୋଲା ଦରବାର
ଶାନ୍ତି ଆଉ ସନ୍ତ୍ୱନାର ଉତ୍ସ
ଆଖିଲୁହ ଶୁଖିଯାଏ ସବୁରି ଆଖିରେ,
ମୃତ୍ୟୁ କଣ ଛୁଇଁପାରେ ଏ ଜାତି ପିତାଙ୍କୁ ?

ତୁମେ ତ ଅମର ପିତା
ଆମ ଜାତି ଆକାଶରେ, କିନ୍ତୁ
ଆମ କୋହଭରା ଉତ୍ତପ୍ତ ପ୍ରାଣରେ
ଯେତେ ସ୍ୱପ୍ନ, ଯେତେ ଆଶା
ସବୁ ବାଷ୍ପୀଭୂତ ।

ତୁମ ତ୍ୟାଗ ପ୍ରତିଦାନ ପାଇଁ
ଆମେ ଆଜି ନୋହୁ ତ ସମର୍ଥ ।

●

Digitized by PPRACHIN, SOA

॥ ହଜିଲା ସ୍ମୃତି ॥

ଜୀବନର ମଧ୍ୟାହ୍ନର ପାରେ
ଖୋଜେ ମୁହିଁ ହଜିଲା ସ୍ମୃତିକୁ
କିନ୍ତୁ ହାୟଃ
ସ୍ମୃତିସବୁ ଜମାଟ ବାନ୍ଧିଛି
କେଉଁ ଏକ ମେରୁ ପର୍ବତରେ
ତଥାପି ଅଭିପ୍ସା ମୋର
କଲା ମତେ ଏକାନ୍ତ ପାଗଳୀ
ଆଶାମାନେ ଆଶଙ୍କାକୁ ନେଇ
ଖୋଜିଗଲେ ବିଗତ ସ୍ମୃତିକୁ
ଆଶାସବୁ ପାଇଟିଲେ ନୀରବ ନିଥର
ସ୍ୱପ୍ନ ତାଙ୍କ ଗଲା ଚୂନା ହେଇ
ସତ୍ତା ତାଙ୍କ ଲୁଚିଗଲା
ତାପହୀନ ଜମାଟ ସ୍ମୃତିରେ ।

ଆଶାର ସେ ରଂଗଭରା ସ୍ୱପ୍ନ
ରଙ୍ଗ ନେଲା ଶୁଭ୍ର ଏକ ଜମାଟ ବରଫ ।
ସ୍ମୃତିକୁ ସଂବଳ କରି ଆଶା ନେଲା
ଜୀବନ୍ତ ସମାଧି
ମୋ ସ୍ମୃତିର ମେରୁ ପର୍ବତରେ,
ଆଶାର ସମାଧି ପରେ
ମନ ମୋର ବାହୁନିଲା ଖାଲି
ସାଥେ ନେଇ ଆଶଂକାମାନଙ୍କୁ
ଖୋଜିବାକୁ ଜୀବନ ସ୍ମୃତିକୁ ।

Digitized by PPRACHIN, SOA

କିନ୍ତୁ ହାୟ ! ଏ କଣ ?
ଆଶଙ୍କା ମୋ ଆଶା ପାଳଟିଲା
ହେଲା ସିଏ ଏକାନ୍ତ ନିଜର
ଅଭିଧାନ ଘାଣ୍ଟି ଭୂଲି ତାର
ବାରମ୍ବାର ଉଖାଡ଼ିଲା
ଛିନ୍ ଭିନ୍ କରି ମୋର ସ୍ମୃତିର କବର ।

ଜମାଟ ସେ ଶୀତଶିଳା ସବୁ
ଆସ୍ତେ ଆସ୍ତେ ବିଗଳିତ ହୁହେଲେ
ଚତୁର୍ଦ୍ଦିଗ ଆଚ୍ଛାଦିଲେ ମୋର
ସୃଷ୍ଟି କଲେ ବଳୟ କୁଣ୍ଡଳୀ
ସେ କୁଣ୍ଡଳୀ ଜଳବେଣୀ ଧୀରେ ଧୀରେ
ଗ୍ରାସ କଲା
କରି ମତେ ଏକାନ୍ତ ନିଃଶେଷ ।

ହଠାତ୍ ମୋର ସ୍ୱପ୍ନ ଭାଙ୍ଗିଗଲା
ନିଜକୁ ମୁଁ କରିଲି ଆୟତ୍ତ
ରକ୍ତାକ୍ତ ଶରୀର ନେଇ
ମନ ମୋର ଘୂରିଲା ବତାସେ
ଖୋଜିବାକୁ ବିଗତ ସ୍ମୃତିକୁ
କିନ୍ତୁ,
ମୁଁ ପାଇଲି, ମୁଁ ଦେଖିଲି
ଖାଲି ଏକ ପ୍ରତିବିମ୍ବ
ଅଂକା ବଂକା ହୋଇ ଖେଳୁଅଛି
ଜଳବେଣୀ ମଧ୍ୟେ
ଧୀରେ ଧୀରେ ସେ ତରଙ୍ଗ ପ୍ରଶାନ୍ତି ଲଭିଲା

Digitized by PPRACHIN, SOA

ଜଳରାଶି ଘିରି ପାଲଟିଛି
ଅଙ୍କା ବଙ୍କା ପ୍ରତିବିମ୍ବ ସନ୍ମୁଖେ ମୋ
ସ୍ତୀମିତ ହୋଇଛି
ନିର୍ବାକ, ନିସ୍ତେଜ ହୋଇ ଏକ ଲୟେ
ଅତୀତକୁ ସାକ୍ଷୀ ରଖି ମୁଁ ଦେଖୁଛି
ପ୍ରତିବିମ୍ବ ମୋର ସେଇ ପାଣ୍ଡୁର ବଦନ ।

●

Digitized by PPRACHIN, SOA

। ମହତାବଜୀଙ୍କର ୮୮ତମ ଶୁଭ ଜୟନ୍ତୀ ଅବସରରେ ।

ହେ ପୁଣ୍ୟଶ୍ଳୋକ, କର୍ମଯୋଗୀ, ରାଜନୀତି ଜୀବନର
ଶ୍ରେଷ୍ଠ କଳାକାର
ଗୌରବ କୀର୍ତ୍ତିର ସୂର୍ଯ୍ୟ, ଅଗ୍ରଣୀ ସୈନିକ
ଦେଶପାଇଁ, ଜାତିପାଇଁ ଖୋଲିଥିଲ
ଖାନ୍‌ଦାନୀ, ଅନ୍ତରର ଦ୍ୱାର ।
ସ୍ୱାଧୀନତା ସଂଗ୍ରାମର ଜ୍ୱଳନ୍ତ ନକ୍ଷତ୍ର
ଆଜିର ଏ ଶୁଭ ଜୟନ୍ତୀରେ
କୋଟି କୋଟି ଜନତାର ଅନ୍ତର ଶୁଭେଚ୍ଛା
ତୁମେ ତ ଗଢ଼ିଛ କେତେ କୁଶଳୀ ହାତରେ ।

ଶିଳ୍ପୀ ତୁମେ, ଏ ରାଷ୍ଟ୍ରର ଜାଗ୍ରତ ପ୍ରହରୀ
ନ ଥକି ସେ ଚାଲପଥେ
ଅନ୍ଧାରରେ ପାଇଛ ଆଲୋକ
କ୍ଷମତାକୁ, ଐଶ୍ୱର୍ଯ୍ୟକୁ ବିନା ଦ୍ୱନ୍ଦ୍ୱେ ଫିଙ୍ଗି
ଏ ଅନ୍ଧାରଗଳିରୁ ତୁମେ ସାଉଁଟିଛ ପଥହରା ଏ ଦେଶବାସୀଙ୍କୁ
ପଛପଟେ ରଖି ଯେତେ ନିରାଶାର ବୋଝ
ଆଶାଯାନେ ଧାଇଁ ଧାଇଁ ଚାଲପଥେ
କ୍ଲାନ୍ତ ତ ହେଇନ ।

Digitized by PPRACHIN, SOA

ଏ ଜାତିର ଉପବନେ ତୁମେ
ଭରିଦେଲ କେତେ ରଙ୍ଗ, କେତେ ପୁଷ୍ପ ଗଂଧ
ସମାଜର ସଙ୍କୀର୍ଣ୍ଣ ବେଢ଼ାକୁ
ଭଙ୍ଗିଦେଲ ନିର୍ଭୀକ ଅସ୍ତ୍ରରେ,
ଯେତେ ନୂଆ ଭବଧାର, ମୁଠା ମୁଠା ମୁକ୍ତ ଚିନ୍ତା
ତୁମ ହସ୍ତ ଲେଖନୀରେ ଶିଖାଇଲ ବଂଚିବାର ସ୍ୱାଦ
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ, ଆମ ସ୍ୱାଧୀନତା, ଯାହା
ତୁମ ସ୍ୱେଦ ଅବଦାନ ।
ରାଜସୁଖ, କ୍ଷମତାକୁ ପାଦେ ଦଳି,
ଜାତିପାଇଁ, ଦେଶପାଇଁ
ବରିନେଲ କାରାଗାର ରୁଦ୍ଧ କୋଠରୀକୁ
କୁସଂସ୍କାର ଗଉଣି ଗଉଣି
ଓ ଆଂଜୁଳା ଭରି ଯେତେ କୁସଂସ୍କାର
ସମାଜରୁ ମୂଳପୋଛ ପାଇଁ
ଅବିରତ କରୁଛ ସଂଗ୍ରାମ
ଜୀବନର ପ୍ରତିକ୍ଷେତ୍ରେ ପ୍ରତିଷ୍ଠିତ
ସମ୍ମାନିତ ହେ ଦିଗ୍‌ଦର୍ଶକ ।
ଉତ୍ସର୍ଗୀକୃତ ଜୀବନ
ହେ ଅମୃତସନ୍ତାନ, ତ୍ୟାଗର ହିମାଳୟ
ତୁମ ପୂର୍ଣ୍ଣିତ ଚଲାପଥ
ନିରଳସ ଚନ୍ଦନ ଚେତନା
ଅନାବିଳ ସ୍ନେହର ସାଗର
ସମାଜର ଅସଂଖ୍ୟ ସଂସ୍କାର
ହେଉ ଚିରସ୍ଥିତ ।
ଜନତାଙ୍କ ନିଷ୍ଠାପର ଅନ୍ତରଙ୍ଗ ଇଚ୍ଛା
ଜୟନ୍ତୀକୁ କରୁ ଶୁଭଙ୍କର ।

●

Digitized by PPRACHIN, SOA